Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 47
Monday, 20 April 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୦ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସ୍ମାର୍ଟମିଟରରେ ଘୋଟାଲା ନେଇ ବର୍ଷିଲେ ଅଖିଳେଶ

ନୂଆଦିଲ୍ଲୀ, ୧୯/୪(ନ୍ୟୁ.ଏ): ଯୋଗୀ ସରକାରଙ୍କ ଉପରେ ବର୍ଷିଲେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ । ବିଜୁଳି ବିଭାଗ ଦ୍ୱାରା ଲଗାଯାଇଥିବା ସ୍ମାର୍ଟ ମିଟରଙ୍କୁ ନେଇ ବର୍ଷିଛନ୍ତି । ଏକ ଭିଡିଓ ସେୟାର କରିବା ସହ ସରକାରଙ୍କୁ ଟାର୍ଗେଟ କରିଛନ୍ତି ସମାଜବାଦୀ ପାର୍ଟି ଅଧ୍ୟକ୍ଷ । ଜାଣିଶୁଣି ଲୋକଙ୍କଠାରୁ ଅଧିକ ଟଙ୍କା ନିଆଯାଉଛି । ସ୍ମାର୍ଟ ମିଟର ଗଛରେ ଗଳିଛି ଠେଳେ । ସରକାରଙ୍କ ଜାଣତରେ ଏଭଳି ଦୁର୍ନୀତି କରାଯାଉଥିବା ଅଭିଯୋଗ କରିଛନ୍ତି ଅଖିଳେଶ । ଅଖିଳେଶ ପୋଷ୍ଟରେ ଲେଖିଛନ୍ତି କି, ଜିଓଏମ ଜଳି ସ୍ମାର୍ଟମିଟରରେ ଘୋଟାଲା ଲାଗୁଛି ବିଜେପି ସରକାର । ପୂର୍ବ ଅପେକ୍ଷା ଏବେ ଅଧିକ ବିଲ୍ ଉଠୁଛି । ଯାହା ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୋସ୍ ଦାମ ବଢୁଛି, ଗରବାମ ମଧ୍ୟ ବମିଟାରେ ଲାଗିଛି । ଯେଉଁଥିରେ ସାଧାରଣ ଲୋକେ ପେଶି ହେଉଛନ୍ତି । ବିଦ୍ୟୁତ ବିଭାଗ ଦ୍ୱାରା ଲଗାଯାଉଥିବା ସ୍ମାର୍ଟ ମିଟର ସମ୍ପର୍କରେ ଉତ୍ତର ପ୍ରଦେଶର ବିଜିନ୍ନ ସ୍ଥାନରୁ ଅଭିଯୋଗ ଆସୁଛି । ଶନିବାର ଦିନ, ଜମିନପୁର ଜିଲ୍ଲାର କଣ୍ଟ୍ରୀବାଲ ବିରାହା ସ୍ଥିତ କାଂଶୀରାମ କଲୋନୀରେ ଲୋକ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି । କଲୋନୀର ଶତାଧିକ ଲୋକ ତହସିଲ ଅଫିସରେ ପହଂଚି ହୋହଲ୍ଲା କରିଛନ୍ତି । ଲୋକେ ଏହି ମିଟର ଗୁଡିକୁ ପଳାଇ ରାଖି ଦେଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି ।

ବିରୋଧୀଙ୍କୁ ନାରୀଶକ୍ତି ଜବାବ ଦେବେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୪ (ଆ.ପ୍ର) : 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଆଜିର ଦିନରେ ନାରୀ ସବୁ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପାରିଛନ୍ତି । ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ପ୍ରାୟତଃ ଅଧା ସଂଖ୍ୟା ହେଉଛନ୍ତି ମହିଳା । ରାଜନୀତିରେ ପ୍ରବଳ ଭାଗିଦାରୀ ପାଇଁ ମୋଦୀ ସରକାର ମହିଳାଙ୍କ ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବିଲ୍ ଆଣିଥିଲେ । କିନ୍ତୁ ସଂସଦ ଓ ବିଧାନସଭାରେ କଂଗ୍ରେସ ନାରୀଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିଛି । ଭାରତ ସଂସଦକୁ ନିର୍ବାଚିତ ହୋଇଥାନ୍ତେ । ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଭାବରେ ସମ୍ମାନ ଅଧିକାର ଦେବାର ଲକ୍ଷ୍ୟ ରଖିଥାଆନ୍ତି । ଆଗାମୀ ଦିନରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀମାନଙ୍କୁ ମହିଳାମାନେ ଉଚିତ ଜବାବ ଦେବେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ବିରୋଧୀମାନେ ମହିଳା ସଶକ୍ତିକରଣ ମୁଖ୍ୟ ପିଚ୍ଛି କେବଳ ଲକ୍ଷଣ ଦେଖନ୍ତି । କିନ୍ତୁ ସଂସଦରେ ସେମାନଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି । ଭ ମେଳିଙ୍ଗ ପାଇଁ ବିରୋଧୀ ମହିଳାଙ୍କୁ ସୁଯୋଗ ଦେଉନାହାନ୍ତି । ବିରୋଧୀ ଭାବୁଛନ୍ତି ଯେ ଏହି ବିଲ୍ ଆଉ ଆଲିପାରିବ ନାହିଁ । କଂଗ୍ରେସ କହିଲେ ଦୁଇ ଜଣଙ୍କୁ ବୁଝାଏ । ଜଣେ ସୋନିଆ ଗାନ୍ଧୀ ଏବଂ ଅନ୍ୟ ବାଣ୍ଡି ପ୍ରିୟଙ୍କା ଗାନ୍ଧୀ । ସେହିପରି ସମାଜବାଦୀ ପାର୍ଟିର ମୁଖ୍ୟ ଡିମ୍ପଲ ଯାଦବ ମଧ୍ୟ ଏହି ବିରୋଧରେ ଥିଲେ । ଆନ୍ତରିକତାର ଅଭାବ ପାଇଁ ବିରୋଧୀ ଏହି

ପରିସ୍ଥିତି କରିଛନ୍ତି । ବିଲ୍ ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଜେଡିକୁ ଟାର୍ଗେଟ୍ କରିଛନ୍ତି । ବିଜେପି ଏହି ବିରୋଧର ସ୍ୱରକୁ ପାର୍ଲିଆମେଣ୍ଟରୁ ସଂଚାୟତ ଯାଏଁ ନେବ ବୋଲି କହିଛନ୍ତି । ଲଷ୍ଟି ମେଂଟରେ ମିଶି ଓଡ଼ିଶାରୁ ମଧ୍ୟ ଏହାକୁ ଯେଉଁମାନେ ବିରୋଧ କରିଛନ୍ତି ସେମାନଙ୍କୁ ମଧ୍ୟ ଉଚିତ୍ ଜବାବ୍ ଦିଆଯିବ । ଗତକାଲି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିଭାଷଣ ଆପଣ ଶୁଣିଥିଲେ । ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ବେଦନା ଓ ମାତୃଶକ୍ତି ପ୍ରତି ତାଙ୍କ ସମ୍ମାନରେ ଥିଲା । ବିରୋଧୀଙ୍କ ଚକ୍ରାନ୍ତ ଏଥିରେ ସ୍ପଷ୍ଟ ହୋଇଗଲା । ବିରୋଧୀ ଦେଶର ମାତୃଶକ୍ତିଙ୍କ ପିଠିରେ ଛୁରୀ ଭୁସିଦେଲେ । ସମ୍ବିଧାନ ଦେଖାଇ ବିରୋଧୀ ଦଳ ନେତାଙ୍କୁ କଟାକ୍ଷ କଲେ ବାଂସୁରୀ । ଏହି ସମ୍ବିଧାନକୁ ସବୁଦେବେଳେ ନେତା ପ୍ରତିପକ୍ଷ ଦେଖାଇଛନ୍ତି ତାକୁ କେବେ ପଚିନାହାନ୍ତି । ନାରୀଶକ୍ତି ବନ୍ଦନ ଅଧିନିୟମ ସେପ୍ଟେମ୍ବର ୨୦୨୩ରେ ପାରିତ ହୋଇଥିଲା, ଯାହା ଦିଲରେ ପରିଣତ ହେବା ପାଇଁ ଏ ସ୍ୱତନ୍ତ୍ର ଅଧିବେଶନ ଅଣାଯାଇଥିଲା । ଦିଲିମିଟେସନକୁ ନେଇ ନିଜେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଲାଭାନ ଅଧିକାର ଏଥିରେ ଖୁର୍ବ କରାଯାଇନାହିଁ । ଏହା ପରେ ମଧ୍ୟ ବିରୋଧୀ ଏହି ବିଲ୍ ଜଳଦି ଅଣାଯାଉଥିବା ଅଭିଯୋଗ କଲେ । ୪୦ବର୍ଷ ଭାଗିଗଲା ଏହାକୁ ଆଣିବାକୁ ଆପଣ କହୁଛନ୍ତି ଜଳଦି ଆଣିଲା । ଏହା ଶ୍ରେୟ କିମ୍ବା କ୍ରେଡିଟ ର ଲଢ଼େଇ ନୁହଁଲା ।

ମହିଳା ସଂରକ୍ଷଣ ବିଲ୍‌କୁ ରୋକିବା ପାଇଁ ଟିଏମ୍‌ସି-କଂଗ୍ରେସ ଷଡ଼ଯନ୍ତ୍ର କରିଛନ୍ତି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୯/୪(ନ୍ୟୁ.ଏ): ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତ ହେବାରେ ବାଧା ଦେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମହିଳାମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛି ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମହିଳାମାନେ ଶାସକ ଦଳକୁ ଦଣ୍ଡ ଦେବେ । ହାଲୁଡ଼ା ଜିଲ୍ଲାର ବିଷ୍ଣୁପୁରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦୀ ୨୦୨୯ ପୂର୍ବରୁ ସଂସଦ ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଶୀଘ୍ର ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବାକୁ ଚାହୁଁଥିବା ବିଲକୁ ବିରୋଧ କରିଥିବାରୁ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଥିଲେ । ମୋଦୀ ଅଭିଯୋଗ କରିଛନ୍ତି ଯେ, ଟିଏମ୍‌ସି ଏହି ଆଇନକୁ ବିରୋଧ କରିଛି କାରଣ ରାଜ୍ୟର ମହିଳାମାନେ ଏହାର ମାଲଟଙ୍ଗକରାଳକୁ ଚ୍ୟାଲେଞ୍ଜ କରୁଛନ୍ତି । ଟିଏମ୍‌ସି ମହିଳା ସଶକ୍ତୀକରଣ ଓ ସଂରକ୍ଷଣ ଚାହୁଁନାହିଁ । ପଶ୍ଚିମବଙ୍ଗର ମହିଳାମାନେ ବହୁସଂଖ୍ୟାରେ ସଂସଦ ଓ ବିଧାୟକ ଲୁଅନ୍ତୁ ବୋଲି ଏହା ଚାହୁଁନାହିଁ କାରଣ ରାଜ୍ୟର ମହିଳାମାନେ ଏହାର 'ମାଲଟଙ୍କରକରାଳ'କୁ ଚ୍ୟାଲେଞ୍ଜ କରୁଛନ୍ତି । ସେଥିପାଇଁ ସେମାନେ କଂଗ୍ରେସ ସହ ମିଶି ଷଡଯନ୍ତ୍ର କରିଥିଲେ ଏବଂ ଏହି ବିଲକୁ ବିରୋଧ କରିଥିଲେ । ପଶ୍ଚିମବଙ୍ଗର ମହିଳାମାନେ ଏହି ନିର୍ବାଚନରେ ଟିଏମ୍‌ସିକୁ ଦଣ୍ଡ ଦେବେ । ଶୁକ୍ରବାର ଏହି ବିଲ୍ ଲୋକସଭାରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଜାସଲ କରିବାରେ ବିଫଳ ହୋଇଥିଲା । ଏହି ବିଲ୍ ସପକ୍ଷରେ ୨୯୮ ଜଣ ଓ ବିପକ୍ଷରେ ୨୩୦ ଜଣ ଭୋଟ୍ ଦେଇଥିବା ବେଳେ ଏହି ବିଲ୍ ପାରିତ ହେବା ପାଇଁ ୩୫୨ ଭୋଟ୍ ଆବଶ୍ୟକ ଥିଲା । ବିଜେପି ଓ ଟିଏମ୍‌ସି ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ମୋଦୀ କହିଛନ୍ତି ଯେ ବିଜେପିର ପରିଚୟ ମହିଳା ସଶକ୍ତୀକରଣ ଓ ସେମାନଙ୍କ ସୁରକ୍ଷା ସହିତ ଜଡିତ । ମହିଳା ସଶକ୍ତୀକରଣକୁ ବିରୋଧ କରୁଥିବାବେଳେ ଶାସକ ଦଳ ଅନୁପ୍ରବେଶକାରୀଙ୍କୁ ସମର୍ଥନ କରୁଥିବା ମୋଦୀ ଅଭିଯୋଗ କରିଛନ୍ତି । ମୋଦୀ ଟିଏମ୍‌ସି ଓ କଂଗ୍ରେସକୁ ଆଦିବାସୀ ବିରୋଧୀ ବୋଲି ଅଭିଯୋଗ କରିବା ସହ ସେମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସେଥିପାଇଁ ସେମାନେ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ବିରୋଧରେ ପ୍ରାର୍ଥୀ ଦେଇଥିଲେ । ସେ ଆହୁରି କହିଛନ୍ତି ଯେ ବିଜେପି ଦେଶକୁ ଏଗାର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ଦେଇଛି ଲାଗଣ ଆମେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଯେତେବେଳେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବ, ଗରିବ ଲୋକମାନେ ମାଗଣା ରାସନ ପାଇବେ । କେହି ଆପଣଙ୍କ ରାସନ ଛଡ଼ାଇ ନେଇ ପାରିବେ ନାହିଁ । ସ୍ତ୍ରୀୟ ଗୃହ ନିର୍ମାଣ ପାଇଁ ମହିଳାମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟତା ମିଳିବ ବୋଲି ସେ କହିଛନ୍ତି ଏବଂ ରାଜ୍ୟ ସରକାର ସେମାନଙ୍କୁ କେନ୍ଦ୍ରୀୟ ଯୋଜନାର ସୁବିଧାକୁ ନିଶ୍ଚିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

'ସେଇଠୁ ଆରମ୍ଭ' ଓ 'ଓଡ଼ିଆନ୍ୟୁଜ ଡ଼ଟ ଲାଇଭ' ପକ୍ଷରୁ କର୍କଟ ରୋଗ ସଚେତନ କାର୍ଯ୍ୟକ୍ରମ

ସତର୍କ ରହିଲେ କର୍କଟ ରୋଗରୁ ସୁସ୍ଥ ହୋଇପାରିବା : ଡାକ୍ତର ରଂଜିତ କର

ବାଲେଶ୍ୱର, ୧୯/୪ (ଆ.ପ୍ର) : ଦୈନିକ ଖବରକାଗଜ 'ସେଇଠୁ ଆରମ୍ଭ' ଓ ଡିଜିଟାଲ ମେଢ଼ିଆ 'ଓଡ଼ିଆ ନ୍ୟୁଜ ଡ଼ଟ ଲାଇଭ' ପକ୍ଷରୁ ବାଲେଶ୍ୱର ସହରର ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ ଏକ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭୁବନେଶ୍ୱରର ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ରଂଜିତ କର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୁଇ ଶହରି ଅଧିକ ଜନ ସାଧାରଣଙ୍କୁ କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ, ରୋଗର ନିଦାନ, ଶରୀରରେ କେଉଁ ଗୁରି ସୂଚନା ଦେଖା ଦେଲେ କର୍କଟ ରୋଗର ପ୍ରାରମ୍ଭିକ ଅବସ୍ଥା ବୋଲି ଜାଣିପାରିବା, କେଉଁ ସବୁ କାରଣ ପାଇଁ କର୍କଟ ରୋଗ ହୋଇଥାଏ, କେଉଁଭଳି ପରିସ୍ଥିତିରେ ରୋଗର ପରୀକ୍ଷା କରିପାରିଲେ ଏଭଳି ମାରାତ୍ମକ ତଥା ବ୍ୟୟ ବହୁଳ ରୋଗରୁ ଆମେ ମୁକ୍ତ ହୋଇପାରିବ ଇତ୍ୟାଦି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରୋଜେକ୍ଟର ମାଧ୍ୟମରେ ସବିସ୍ତାର ବୁଝାଇଥିଲେ । ସମ୍ପାଦକ ଶୁଭେନ୍ଦୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ କହିଥିଲେ କି, ଆସନ୍ତାଦିନରେ ପ୍ରତି ଘରେ କର୍କଟ ରୋଗରେ ଆକ୍ରାନ୍ତ ହେବାର ବିଭିନ୍ନ ସ୍ୱାସ୍ଥ୍ୟ ସଂଗଠନ ଗୁଡ଼ିକ ପୂର୍ବାନୁମାନ କରିଥିବାରୁ ଏକ ସଚେତନ ଗଣ ମାଧ୍ୟମ ସଂସ୍ଥା ଭାବରେ ଆମେ ପ୍ରାରମ୍ଭିକ ଭାବେ ଜିଲ୍ଲାର ବିଭିନ୍ନ ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛୁ, ଏବଂ ଆଗକୁ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକ ସ୍ତରରେ କରିବାର ଯୋଜନା ବାବଦରେ ସୂଚନା ଦେଇଥିଲେ । ସମସ୍ତେ ସୁସ୍ଥରେ ରୁହନ୍ତୁ ବା ନ ରୁହନ୍ତୁ ସୁସ୍ଥ ରୁହନ୍ତୁ ଏଭଳି ଏକ ଜାଗରଣ ଆରମ୍ଭ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ

ବିଧାୟକ ଜୀବନ ପ୍ରତୀପ ଦାଶ ଏବଂ ସ୍ୱରୂପ କୁମାର ଦାସ ଉପସ୍ଥିତ ରହି ଗଣ ମାଧ୍ୟମ ସଂସ୍ଥାର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଉତ୍ତର ପୂର୍ବତନ ବିଧାୟକ ଡାକ୍ତର ରଂଜିତ କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ୧୮ଶ୍ରୀର୍ଦ୍ଧ କାଲଜସିଲର ଅର୍ଯ୍ୟିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ୨୯ ନମ୍ବର ୱାର୍ଡ କାଉନସିଲର କାର୍ତ୍ତିକ ସାହୁ, ସମାଜସେବୀ ତଥା ସଂଗଠକ ଶେଖ ଆମସର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ସହଯୋଗ କରିଥିଲେ । ବିଶିଷ୍ଟ ଶିକ୍ଷପତି ଓ ସମାଜସେବୀ ଭୂଷାର ଗାଠି, ବରିଷ୍ଠ ସାମ୍ବାଦିକ ତଥା କବି ରଞ୍ଜନ ବାଗ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱାସ୍ଥ୍ୟର ମନ୍ତ୍ର କେବେ ସେ ଚାହିବେ ଆଲୋଚନା କରିଥିଲେ । ଜଦି ପ୍ରଶାନ୍ତ ଦାସ ଉକ୍ତ କାର୍ଯ୍ୟକ୍ରମର ସଞ୍ଚାଳନ କରି ଗଣ ମାଧ୍ୟମ ସଂସ୍ଥାର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ପରିବାର ର ମହିଳା ସଚେତନ ହେଲେ ପରିବାର ସମ୍ପୂର୍ଣ୍ଣ ସୁସ୍ଥ ରହି ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ନିଆରା ଭଙ୍ଗରେ କୃଷ୍ଣ ଦେବତା ନିକଟରେ ଜଳ ପ୍ରଦାନ ପୂର୍ବକ ଦୀପ ପ୍ରଜ୍ୱଳନ ଜରି କାର୍ଯ୍ୟକ୍ରମର ଉଦଘାଟନ କରାଯାଇଥିଲା । ଅତିଥି ମାନଙ୍କୁ ମଧ୍ୟ ଉତରୀୟ ସହିତ କୃଷ୍ଣ ଦାନ କରାଯାଇଥିଲା ।

ଜନଜୀବନ କଲବଲ, ୧୧ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର, ୧୯/୪ (ଆ.ପ୍ର) :ରାଜ୍ୟବ୍ୟାପି ତିଷା ବଢ଼ାଉଛି ତାତି । କାରଣ ଆକାଶରୁ ଖରା ତ ନୁହେଁ, ତରଂ ଜିଆଁ ଖସୁଛି । ପଶ୍ଚିମରୁ ଉପକୂଳ, ସବୁଠି ପାରଦ ଉପରମୁହାଁ । ଏଭଳି ଗ୍ରୀଷ୍ମ ପ୍ରବାହକୁ ଦେଖି ଆଗାମୀ ୨୩ ଯାଏଁ ପଶ୍ଚିମ ଓଡ଼ିଶାକୁ ହିଟ୍ ୱେଭ ଧ୍ୱାର୍ଣ୍ଣ ଜାରି କରାଯାଇଥିବାବେଳେ ୩ ଦିନ ପାଇଁ ଉପକୂଳ ଓଡ଼ିଶାକୁ ଅସହ୍ୟ ଗୁଳିଗୁଳ ପାଇଁ ପାଣିପାଗ ବିଭାଗ ଆଲର୍ଟ କରିଛି । ଏଭଳି ସ୍ଥିତିରେ ପିଲାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆଜି ସୁଦ୍ଧା ୧୧ଟି ଜିଲ୍ଲାରେ ସାମୟିକ ସ୍କୁଲ ଛୁଟି ଘୋଷଣା କରିଛନ୍ତି ସ୍ଥାନୀୟ ଜିଲ୍ଲାପାଳ । ରାଜ୍ୟରେ ଅସହ୍ୟ ଗରମ ସାଙ୍ଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ଛୁଟି ଦେଇଛି ସ୍କୁଲ । ଲୋକମାନଙ୍କ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଆଜି ସୁଦ୍ଧା ୧୧ଟି ଜିଲ୍ଲାରେ ଜିଲ୍ଲାପାଳମାନେ ସ୍କୁଲ ଛୁଟି ଘୋଷଣା କରିଛନ୍ତି । ସେସବୁ ଜିଲ୍ଲା ହେଉଛି ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର, ଢେଙ୍କାନାଳ, ବଲାଙ୍ଗିର, ନବରଙ୍ଗପୁର, ଗୋବିନ୍ଦ, ମୟୂରଭଞ୍ଜ, ଦେବଗଡ଼ ଏବଂ ଖୋର୍ଦ୍ଧା । ଏହିସବୁ ଜିଲ୍ଲାରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବି ବନ୍ଦ ରଖିବ । ପ୍ରବଳ ଖରା ଓ ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ଏହି ନିଷ୍ପତ୍ତି ନେଇଛନ୍ତି । ଯଦି କୌଣସି ସ୍କୁଲରେ ପରୀକ୍ଷା ଥାଏ ତାହା ଚାଲୁ ରହିବ । ପରୀକ୍ଷା ଗୁଡ଼ିକୁ ସଜାଜ ସମୟରେ ହେବ । କାଲିଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଏବେବୁ ଜିଲ୍ଲାରେ ସାମୟିକ ଭାବେ ଛୁଟି ଘୋଷଣା ହୋଇଛି । ପଶ୍ଚିମରୁ ଉପକୂଳ ସବୁଠି ଉତରମୁହାଁ ପାରଦ । ଗତ କିଛି ଦିନ ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଆଗାମୀ ୭ ଦିନ ପର୍ଯ୍ୟନ୍ତ ତାତିର ନିସ୍ତାର ନାହିଁ । ପଶ୍ଚିମ ଓଡ଼ିଶା ବିଭିନ୍ନ ଜିଲ୍ଲାକୁ ଆସନ୍ତା ୨୩ ଯାଏଁ ହିଟ୍ ୱେଭ ଧ୍ୱାର୍ଣ୍ଣ ଜାରି ହୋଇଛି । ଆସନ୍ତା ୨୨ ତାରିଖ ବେଳକୁ ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗିର, ନୂଆପଡ଼ା, ଟିଟିଲାଗଡ଼, ଭବାନୀପାଟଣା ଭଳି ଜିଲ୍ଲାରେ ୪୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ର ଛୁଇଁପାରେ ବୋଲି ପାଣିପାଣ ବିଭାଗ ପୂର୍ବାନୁମାନ କରିଛି । ସେହିପରି ଆସନ୍ତା ୩ ଦିନ ପାଇଁ ଉପକୂଳ ଓଡ଼ିଶାରେ ଅସହ୍ୟ ତାତି ଗୁଳିଗୁଳ ପାଇଁ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ ।

ଭାଙ୍ଗିଗଲା ୯୨୬ ପରିବାରର ସ୍ୱପ୍ନ; ବିଶ୍ୱାସରେ ବିଷ ଦେଲେ ଦଲାଲ

ଭୁବନେଶ୍ୱର, ୧୯/୪ (ଆ.ପ୍ର) : ଶ୍ୟାମପୁର ସରକାରୀ ଜମି ଏବେ ଜବରଦଖଲ ମୁଲ୍ଲ । ୩ ଦିନ ଧରି ବୁଲୁଡୋଜର୍ସ ମଡ଼ାଇ ଜଳଲ ମାଟିରେ ମିଶାଇ ଦେଇଛି ୬୮ ଏକର ଜମିରେ ଗଢ଼ି ଉଠିଥିବା ୬୮୦ଟି ଘରକୁ । ସେହି ଭାଙ୍ଗାଘରୁ ଏବେ କିଏ ନିଜ ନିଜ ଆସବାବପତ୍ରକୁ ଗୋଟାଇ ଫେରିଯାଉଛନ୍ତି ତ ଆଉ କିଏ ମୁଣ୍ଡ ଉପରୁ ଚାଳ ଜଳୁଡ଼ି ଯିବା ପରେ ଆଶ୍ରୟ ପାଇଁ ଅନ୍ୟତ୍ର ଚାଲିଯାଉଛନ୍ତି । ଏସବୁ ଗିରରେ ୬୮ ଏକର ଜମିରେ ଜବରଦଖଲ ଓ ଏଇଥିରେ ଦଲାଲଙ୍କ କାଣ୍ଡ କାରନାମା ସାମ୍ନାକୁ ଆସିଛି । ଭୁବାନ ଜମି କହି କେମିତି ଶରମାଙ୍କ ଦରରେ ବେଆଇନ ଭାବେ ଚାଲିଥିଲା ଜମି ବିକ୍ରିର ମାଫିଆଚେଇଁରୀ ଆସବୁ ଜାଣିବା । ମୁଣ୍ଡ ଉପରେ ଚୁଡ଼ ଚୁଡ଼ ଗରା । କିନ୍ତୁ ମୁଣ୍ଡ ଉପରେ ଆଉ ଛାତ ନାହିଁ । BDAର ଭୁବନୋଜର ମାଢ଼ରେ ଧରାଶାୟୀ ସାରା ଲାଲାଳା । ବେସାହାରା ହୋଇଯାଇଛନ୍ତି ପ୍ରାୟ ୭ ଶହ ପରିବାର । କିଏ ଜଳି ପାଉ ତଳେ ମୁଣ୍ଡ ଲୁଚାଇଛନ୍ତି ତ ଆଉ କିଏ ଗଛ ଶାଖତଳେ ଆଶ୍ରୟ ନେଇଛନ୍ତି । ଜବ

ସମସ୍ତଙ୍କ
ଆରମ୍ଭ
SEITHO ARAMBHA
ସୋମବାର, ୨୦ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ କ୍ଲବ କ୍ରୀଡ଼ାରେ କବାଡି ଏବଂ ଖୋକର ଫାଇନାଲ ମ୍ୟାଚ୍ ଶେଷ

ନବରଙ୍ଗପୁର, ୧୯/୪ (ଆ.ପ୍ର) : ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ କ୍ଲବ ସ୍ତରୀୟ ଭଲିବଲ୍, କବାଡି, ଫୁଟବଲ୍ ଏବଂ ଖୋକ ଟୁର୍ଣାମେଂଟ ନବରଙ୍ଗପୁର ଷ୍ଟାଡିୟମ୍ ଠାରେ ଚାଲିଛି । ଦାଳକ କବାଡି ପ୍ରତିଯୋଗିତାର ଫାଇନାଲ ରେ ଲମ୍ବଗଲୋଟ କ୍ଲବ୍, ଦାଳିକା କବାଡିରେ ନବରଙ୍ଗପୁର ରିଲାଇଭ୍ ଷ୍ଟୋର୍ଟ କ୍ଲବ୍ ଚାମ୍ପିୟନ୍ ହୋଇଛି । ସେହିପରି ଖୋକ ପ୍ରତିଯୋଗିତାର ଫାଇନାଲରେ ଦାଳକ ବିଭାଗରେ ବେଲଗାମ କ୍ଲବ୍ ଦଳ ବିଜୟ ହୋଇଥିବା ବେଳେ ଦାଳିକା ବିଭାଗରେ ଚଟାପୁଡ଼ା କ୍ଲବ ଦଳ ଚାମ୍ପିୟନ୍ ହୋଇଛି । ଏହି ଉପଲବ୍ଧି ପରେ ସମସ୍ତ କ୍ରୀଡ଼ାବିତ୍ ଙ୍କୁ କ୍ରୀଡା ସଂଘର ସମ୍ପାଦକ ପ୍ରଭାଲାଦ ତ୍ରିପାଠୀ, ଉପ ସଭାପତି ଏମ. ବାଲା ଛାଷ୍ଟା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟଜିତ ଗଉଡ଼, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ କ୍ରିକେଟ ସମ୍ପାଦକ ଅଶୋକ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ଭଲିବଲ୍, ଖୋକ, କବାଡି ଏବଂ ଫୁଟବଲ ବିଭାଗରେ ଜିଲ୍ଲାର ଉଭୟ ଦରିଦ୍ର ଏବଂ କନିଷ୍ଠ ବର୍ଗର ୧୦ ଗୋଟି ଦାଳକ ଏବଂ ୬ ଗୋଟି ଦାଳିକା କ୍ଲବ ଦଳ ଭାଗ ନେଇଛନ୍ତି । କ୍ରୀଡା ଶିକ୍ଷକ ଜାଳି ଜିଙ୍କର ପଟ୍ଟନାୟକ, ସପନ ଦୋରାଗୀ, ବିଭାଶ୍ରୀ ଦେ ସମେତ ଜିଲ୍ଲାର ମାଙ୍କଡ ବିଭାଗ ଏବଂ ଶିକ୍ଷା ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଉକ୍ତ ଖେଳକୁ ପରିଚାଳନା କରିଛନ୍ତି । କ୍ରୀଡା ସଂଘର ସଦସ୍ୟ ଶଶାଙ୍କ ଶେଖର ଦେବେରା ଦୂର୍ଯ୍ୟ ହରିଜନ, ଜି . ଚନ୍ଦ୍ର ଶେଖର ରାଜା, ହରିଶ୍ଚନ୍ଦ୍ର ସାହୁ , ଅଜିତା ଦାସ ପ୍ରମୁଖ ସହଯୋଗ କରୁଛନ୍ତି ।

ଭାରତୀୟ ମଜଦୂର ସଂଘ ରାମନାଗୁଡା ବ୍ଲକ ସମ୍ମିଳନୀରେ ନୂତନ କର୍ମକର୍ତା ଚୟନ

ରାମନାଗୁଡା, ୧୯/୪ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ରାମନାଗୁଡା ସ୍ଥିତ କଳ୍ୟାଣ ମଣ୍ଡପ ଠାରେ ରାମନାଗୁଡା ବ୍ଲକସ୍ଥ ମଜଦୂର ସଂଘର ବ୍ଲକ ସମ୍ମିଳନୀ ସହ ନୂତନ କର୍ମକର୍ତା ଚୟନ ରାଜ୍ୟ ଓ ଜିଲ୍ଲା ପଦାଧିକାରୀ ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନ ସମୟରେ ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ ବିଏମଏସ ଜିଲ୍ଲା ସଭାପତି ମଦନ ରାଓ ମାଝୀ, କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ, ଉପ ସଭାପତି ଦୁର୍ଗା ମାଝଦ ଘୋଷ, ଶ୍ରୀମତୀ ଉଷା ରାଣୀ ଦାଶ, ନିରଞ୍ଜନ ସେନାପତି, ସାମାଂଚନ ମିଶ୍ର , ଖମ୍ପା ସାଗର ଦାଶ, ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ମା'ରାଉଡ଼ୀ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ବିଏମଏସ ପ୍ରତିଷ୍ଠାତା ପରମ ପୂଜନୀୟ ଦତ୍ତୋପନ୍ତ ଠେଙ୍ଗେଡେଜୀଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କ୍ଲବ ସଂଘ ତରଫରୁ ଅତିଥି ପ୍ରତୀକ ନିମନ୍ତିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା । ଅତିଥି ପରିଚୟ ପରେ ମଂଚର ସଭାପତି ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନୂତନ କମିଟି ଗଠନ ଉପରେ ଆଲୋକପାତ କରିଥିଲେ ।ପରେ ଅତିଥିମାନେ ଭାରତୀୟ ମଜଦୂର ସଂଘର ସ୍ୱର୍ଣ୍ଣିମ ଇତିହାସ, ବିଚାରଧାରା, ବଳିଷ୍ଠ ପୃଷ୍ଠଭୂମି, ସୂଚିନ୍ତିତ କାର୍ଯ୍ୟଧାରା, ରାଷ୍ଟ୍ରୀୟ ଭାବନା, ଔଦ୍ୟୋଗିକ ଏବଂ ଶ୍ରମିକ ହିତ ନୀତି ଉପରେ ଆଲୋକପାତ କରିବା ସହ ଏକ ଶ୍ରୁଙ୍ଖଳିତ, ପରିଶ୍ରମୀ ଓ ରାଷ୍ଟ୍ରବାଦୀ ଶ୍ରମିକ ମାନଙ୍କ ଦିବ୍ୟ ଭାବନା, ପରମ କର୍ତବ୍ୟ ଓ ସ୍ୱ ଅଧିକାର ଉପରେ କହିଥିଲେ । ପରେ ଆଶା, ଅଙ୍ଗନୱାଡ଼ି, ପାଚିକା, ହର୍ଷଟାଲ କର୍ମଚାରୀ ସଂଘ , ଷ୍ଟିଆରି ସିଏମ୍, ସ୍ୱାବଲମ୍ବୀ ଜାତିଗରୀ ସଂଘ, ନିର୍ମାଣ ଶ୍ରମିକ, ବିଶ୍ୱକର୍ମା ମଜଦୂର ସଂଘ, କୁଲି ମଜଦୂର, ସ୍ୱାସ୍ଥ୍ୟ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘର ପଦାଧିକାରୀ, ଗଣମାଧ୍ୟମ ପ୍ରତିନିଧି, ରାଷ୍ଟ୍ରବାଦୀ ଯୁବକ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସର୍ବସମ୍ମତି କ୍ରମେ ଶୁଭଜିତ ପଟ୍ଟନାୟକଙ୍କୁ କ୍ଲବ ସଭାପତି, ଉପ ସଭାପତି ଶ୍ରୁତୀତା ମାଝଝି, ସମ୍ପାଦକ ନରସିଂହ ପରିଛା, ସହ ସମ୍ପାଦକ ଶ୍ରୀନିବାସ ପାଚିକା, କୋଷାଧ୍ୟକ୍ଷ ଭାବେ ପ୍ରସାଦ ଧୋବାଙ୍କ ସହ କାର୍ଯ୍ୟକାରୀ ସଭ୍ୟ ଭାବେ ଗାୟତ୍ରୀ ବଳଲବାଳା, ଇନ୍ଦିରା ପଣ୍ଡା, ଅଜୟ କୁମାର ଶବର, ଯୋଗେନ୍ଦ୍ର ଶବର, ବବିତା କାଡ଼ାକା, ଜୟା ବିଡିକା, ପଦ୍ମନାଭ କାଡ଼ାକା ସାତ ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା । ଉପସ୍ଥିତ ଶ୍ରମିକ ନେତାମାନେ ନୂତନ କାର୍ଯ୍ୟକାରିଣୀ ମଣ୍ଡଳୀଙ୍କୁ ଉଷ୍ମଗୁଚ୍ଛ, ଅଙ୍ଗବସ୍ତ୍ର ଦେଇ ସ୍ୱାଗତ ଜଣାଇଥିଲେ । ନୂତନ ସଭାପତି ଶୁଭଜିତ ପଟ୍ଟନାୟକ ସଭାପତିତ୍ୱ ଅଭିଭାଷଣରେ କହିଥିଲେ ସଚିଙ୍କ ସହଯୋଗରେ ଶ୍ରମିକ ହିତ ଓ ଶ୍ରମିକ ହିତ ପାଇଁ ସଂଗ୍ରାମ କରିବେ । ପ୍ରତ୍ୟେକ ଶ୍ରମିକ ଆଜିଠାରୁ ତାଙ୍କ ପରିବାର ସଦସ୍ୟ ଏଣୁ ପ୍ରତ୍ୟେକ କ୍ଷେତ୍ରରେ ସେ ସେମାନଙ୍କ ସହିତ ଉପସ୍ଥିତ ରହିବେ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜୟନ୍ତୀ ଗମାଙ୍କ, ସଞ୍ଜୁକ୍ତା ହରପାଲ, ପେଟିନା ଉଷା, ସୁନିତା ମାଝଝି, ବଂଶୀ କଣ୍ଡାଗଡି , ଝେନିସ ଶବର, ଜିଉଶ ମୁର୍ତ୍ତିକା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ଓ୍ୱାର୍କର୍ସର୍ସ ଆସୋସିଏସନ୍, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, ହର୍ଷଟାଲ କର୍ମଚାରୀ ସଂଘ , ପାଚିକା ସଂଘ, ଏସ ସି ଏମ୍, ସ୍ୱାବଲମ୍ବୀ ଜାତିଗରୀ ସଂଘ, ବିଶ୍ୱକର୍ମା ମଜଦୂର ସଂଘ, ମେସୀ ସଂଘ, ଖଲାସି ସଂଘର ଯୋଗଦେଇଥିଲେ ।

ଦୁର୍ଘଟଣାରେ ଛାତ୍ରୀଙ୍କ ବିୟୋଗର ତଦନ୍ତ ଆରମ୍ଭ

ପାଉଜାଖେମୁଣ୍ଡି , ୧୯/୪ (ଆ.ପ୍ର) : ଗଜପତି ଜିଲ୍ଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ରୁଡୁଡଉଡି ଗ୍ରାମର ଜଳ ପ୍ରାମାଣିକ ବିଦ୍ୟାଳୟର ବାରଶ୍ରେଣୀର କାନ୍ତୁ ପଡିବା ଫକରେ ୨ ଛାତ୍ରୀଙ୍କ ଅଜାଣ ବିୟୋଗ ଘଟିଥିଲା । ଏଦାରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଆୟୁକ୍ତ ବବିତା ପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ଘଟଣାରେ ସଂପୃକ୍ତ ପ୍ରଧାନଶିକ୍ଷକ ଶ୍ରୀଦେ ରାଉଳଙ୍କୁ ନିଳମ୍ବିତ କରାଯାଇଛି । ଏହି ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ପ୍ରମିଳା ସୁଶରାଣଙ୍କ କାର୍ଯ୍ୟରେଅବହେଳା ପାଇଁ ମାମଲା ରୁଜୁ କରାଯାଇଛି ।ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ସଙ୍କାଶେ ଉପ ଜିଲ୍ଲାପାଳ ଅନୁପ ପଣ୍ଡା ଏହାର ତଦନ୍ତ କରିବାକୁ ଘଟଣାସ୍ଥଳରେ ପହଂଚିଛନ୍ତି । ମୁଖ୍ୟମନ୍ତ୍ରୀ ମୃତକ ପରିବାରକୁ ୩ଲକ୍ଷ ଟଙ୍କା ଅନୁକମ୍ପା ଘୋଷଣା କରିଛନ୍ତି । ବୁଲା ଜଣ ଝିଅଙ୍କ ମଧ୍ୟରୁ ବିନୋଦ ରଉତଙ୍କ ଝିଅ ବେଳିଲତା । ସେହିଭଳି ବିନିୟମ ରଉତଙ୍କ ଝିଅ ଜଦନ୍ତି ।ଦୁଇଜଣଙ୍କ ବିୟୋଗରେ ଗୁଳ ପରିବାର ଦୁଃଖ ଓ ଗ୍ଲାନିରେ ଅଛନ୍ତି । ଦିନିୟମ ବାବାର ଖଟିବାକୁ ନେଗୁଲା ଯାଇଛନ୍ତି । ଝିଅର ଏହିଭଳି ଦୁଃଖଦ ଘଟଣା ଶୁଣି ନିଜ ଗ୍ରାମକୁ ଫେରିଲେ । ଉତ୍ତର ପରିବାର ଲାଂଗି ପହିଛନ୍ତି । ସେମାନେ ନିଜ ପିଲାମାନଙ୍କ ପାଠପଢା ବାୟାଦ୍ଧ ସରକାର ନେବାହୁ ଅନୁରୋଧ କରିଛନ୍ତି । ଏହିଭଳି ଦଳୁତ ବିଦ୍ୟାଳୟ ବିପଦଶଂଙ୍କୁଳ ଅବସ୍ଥାରେ ଅଛି ।ତାହାର ତଦନ୍ତ ପାଇଁ ବୁଦ୍ଧିଜୀବୀ ଦାବୀ କରିଛନ୍ତି । ଜଳଶିକ୍ଷାରେ ଏଭଳି ଘୁମନାବୃତି ନଘଟେ ସେଥିପାଇଁ ପ୍ରଶାସନ ସତର୍କ ରହିବାକୁ କହିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ କହିଛନ୍ତି ଜିଲ୍ଲାରେ ୫୦୦ଟି ଏହିଭଳି ବିପଦଶଂଙ୍କୁଳ କାନ୍ଥ ରହିଛି । ଯାହା ପର୍ଯ୍ୟାୟ କ୍ରମେ ତାର ପୁନଃନିର୍ମାଣ କରାଯିବ ।

ଧାମନଗର ଠାରେ ସେଂଟ ଜାଭିୟର ହାଇସ୍କୁଲ ବାର୍ଷିକ ଉତ୍ସବ



ଧାମନଗର, ୧୯/୪ (ଆ.ପ୍ର) : ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ପରିଷଦ ଅନ୍ତର୍ଗତ ମଜାବିଦ୍ୟାଳୟ ନିକଟସ୍ଥରେ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନ ସେଂଟ ଜାଭିୟର ହାଇସ୍କୁଲର ତାର ୧୧ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ବିଦ୍ୟାଳୟର ସଭାଗୃହରେ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଜନ୍ମେଜୟ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ବୁଢ଼ା ଶିକ୍ଷାଧିକାରୀ ଜେନେନ୍ଦ୍ର ନାଥ ମହାନ୍ତି ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଧାମନଗର ନିର୍ବାଚନୀ ଅଧିକାରୀ ସନ୍ତୋଷ କୁମାର ନାୟକ, ମୁଖ୍ୟବକ୍ତା ସଂଗ୍ରାମ ଆଚାର୍ଯ୍ୟ ଆଧ୍ୟାତ୍ମିକ ପ୍ରବଚକ ଓ ଅମୃତ ବର୍ଦ୍ଧନ ସମ୍ପାଦକ,ଚରେଣ୍ୟ ଅତିଥି ଭାବରେ ମହାନ୍ତ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଗାମନ୍ତ୍ର ପଣ୍ଡା,ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ସମ୍ମାନିତ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ତରଫରୁ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଶିକ୍ଷକ ବିଦ୍ୟାଧର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଲକ୍ଷ୍ମୀ ଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ଗୋପାଳ ଚେହେରା, ଲେଖାମଧାର ସାହୁ, ଧୀରେନ୍ଦ୍ର ତ୍ରିପାଠୀ, ସେବତୀ ଖାଲିକ, ପରେଶ ଦାସ, ପ୍ରିୟଙ୍କା ପତି, ମିସ୍ ଚିନ୍ତାମଣି ମିଶ, ମିସ୍ ଖୁଶବୁ, ମିସ୍ ଆପ୍ତିନ ପରବିନ, ପାର୍ବତିନ, ମୋନାଲିସା ସାହୁ,ଶିକ୍ଷୟିତ୍ରୀ ଜୟନ୍ତୀ ଖଣ୍ଡେତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଛାତ୍ରଛାତ୍ରୀ, ଅଭିଭାବକ, କୃଷିଜୀବୀ, ସମାଜସେବୀ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସାମାଜିକ ପ୍ରମୁଖ ଯୋଗ ଦେଇଥିଲେ ।

ସିଏମ୍ ଟ୍ରୋଫି ଭଲି ବଲ – ଇଂଟର ଡିଷ୍ଟ୍ରିକ୍ଟ ପ୍ରତିଯୋଗିତା ଅନୁଷ୍ଠିତ

ପାଉଜାଖେମୁଣ୍ଡି, ୧୯/୪ (ଆ.ପ୍ର) : ମୁଖ୍ୟମନ୍ତ୍ରୀ କପ୍ (ସିଏମ୍ ଟ୍ରୋଫି)–୨୦୨୬ ଅବସରରେ ଓଡ଼ିଶାର ଗଜପତି ଜିଲ୍ଲାରେ ୧୪ ବର୍ଷରୁ କମ ଭଲିବଲ ପ୍ରତିଯୋଗିତା ଏପ୍ରିଲ ୧୭ ଏବଂ ୧୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ଗ୍ରାମାଣ ଓ ସହର ଅଂଚଳର ଯୁବ ଖେଳାଳୀମାନଙ୍କୁ ଖେଳକୁଦ ମାଧ୍ୟମରେ ଆଗକୁ ଆଣିବା, ତାଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବା ଓ ଭବିଷ୍ୟତରେ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳିବାକୁ ସକ୍ଷମ ଖେଳାଳୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବୃହତ୍ କ୍ରୀଡ଼ା ଅଭିଯାନ ଆୟୋଜନ କରାଯାଇଥିଲା । ବିଭିନ୍ନ ବ୍ଲକରୁ ମୋଟ ଆଠୋଟି ଗ୍ରୁପ୍ ବିଭକ୍ତ ଦଳମାନେ ନିଜ ନିଜ ମ୍ୟାଚ୍‌ରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲେ । ନଳଆଉଟା ପର୍ଯ୍ୟାୟରେ ୪ଟି ମ୍ୟାଚ, ସେମିଫାଇନାଲ ରେ ୨ ଟି ମ୍ୟାଚ ଏବଂ ଗୋଟିଏ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ସେମିଫାଇନାଲ ରେ କାଶୀନଗର ଏବଂ ଗୋଷାଣୀ ଦଳ ଉଚ୍ଚାର୍ଣ୍ଣ ଲୋଇ ଫାଇନାଲ ରେ ପ୍ରବେଶ କରିଥିଲେ । ଫାଇନାଲ ମ୍ୟାଚ ରେ କାଶୀନଗର କ୍ଲବ ଗୋଷାଣୀ କ୍ଲବ ମଧ୍ୟରେ ଲଢ଼ା ହୁଇଥିଲା ଏବଂ କାଶୀନଗର କ୍ଲବ ଗୋଷାଣୀ କ୍ଲବ କୁ ୩ଟି ମ୍ୟାଚ ରୁ ୨ ଟି ରେ ହରାଇ ଚାମ୍ପିୟନ ହୋଇଥିଲା । ପ୍ରତିଯୋଗିତାରେ ସମସ୍ତ ଦଳ ଉତ୍କୃଷ୍ଟ କ୍ରୀଡ଼ା କୌଶଳ , ଦଳୀୟ ସମନ୍ୱୟ ଓ ଶୃଙ୍ଖଳାବଦ୍ଧ ଖେଳ ପ୍ରଦର୍ଶନ କରିଥିଲେ । ଆୟୋଜକମାନଙ୍କ ପକ୍ଷରୁ ମାଇକାନ ବ୍ୟବସ୍ଥା , ରେଫେରୀ ପରିଚାଳନା , ସ୍ଥାୟ ସୂଚୀ ପାଳନ ଓ ଖେଳ ପରିଚାଳନା ସୁଚାରୁ ଭାବରେ କରାଯାଇଥିଲା । ଖେଳାଳୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସହିତ ନିରାପଦ ବ୍ୟବସ୍ଥା ମଧ୍ୟ ନିର୍ଦ୍ଦିଷ୍ଟ କରାଯାଇଥିଲା । ଦର୍ଶକମାନେ ଉତ୍ସାହର ସହ ଖେଳକୁ ଉପଭୋଗ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ । ଏହିପରି ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲା ଓ ଗ୍ରାମୀଣ ସ୍ତରର ପ୍ରତିଭାମାନେ ଆଗକୁ ଆସି ଭବିଷ୍ୟତରେ ରାଜ୍ୟ ଓ ଜାତୀୟ ସ୍ତରରେ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ହଜ୍ ଯାତ୍ରୀଙ୍କୁ ମୋହରା ଠାରେ ସମ୍ବର୍ଦ୍ଧନା



ଚନ୍ଦାରାଣି, ୧୯/୪ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାରାଣି, ଜମଗଲୋଟ ଏବଂ ଲାଲଗାଉ ଅଂଚାଳରୁରୁ ଚଳିତ ବର୍ଷ ୧୬ ଜଣ ମୁସଲମାନ ଧର୍ମାବଲମ୍ବୀ ଆସନ୍ତା ୨୫ ତାରିଖ ଦିନ ପବିତ୍ର ହଜ୍ ଯାତ୍ରା ନିମନ୍ତେ ମକ୍କା, ମଦୀନା ଯାତ୍ରା କରିବେ । ଚଳିତ ବର୍ଷ ପବିତ୍ର ହଜ୍ ଯାତ୍ରା ନିମନ୍ତେ ଅବଦୁଲ ମଜିଦ୍, ସଲିମ୍ ରାଠୋର, ଅଲ୍ଲା ଲାଠାଆ, ମହମ୍ମଦ ଆରିଫ୍, ମହମ୍ମଦ ନାସିର, ବଶିର ଭାଲ, ମହମ୍ମଦ ଇଲାଲ, ମୌଲାନ୍ ସହିଦ, ମହମ୍ମଦ ଇଶ୍ମାଇଲ,ଲୁଷ୍ମାନୀ ବାଲୋ, ଜଙ୍ଗି । ରାଠୋର, ସମା ବାଲୋ, ନସିମ ବାଲୋ, ସୁନେରା ବାଲୋ, ତବସୁମ୍ ବାଲୋ, ଶ୍ରୀମ ବାଲ ହଜ ଯାତ୍ରା କରୁଛନ୍ତି । ଏହି ଅବସରରେ ଚନ୍ଦାରାଣି କ୍ଲବ ମୋହରା ଠାରେ ମହମ୍ମଦ ୟୁନସ ଙ୍କ ଆବାସସ୍ଥଳରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଏହି କାର୍ଯ୍ୟକ୍ରମ ରେ ଆନ୍ତର୍ଜାତିକ ସାଥର ବେଙ୍ଗାଲୋରରୁ ମୋଜିନ କାନ୍ତି, ସମ୍ବଲପୁରରୁ ସଜ୍ଜାଦ ରାଜା, ଯାଜପୁରରୁ ମୌଲାନା ସହାବୁଦ୍ଦିନ ବର୍ଚ୍ଚାତି, ମୌଲାନା ମୋରାଦ୍ ପ୍ରମୁଖ ଯୋଗ ଦେଇ ମହାପ୍ରଭୁଙ୍କ ମହମ୍ମଦଙ୍କ ବାଣୀ ଶୁଣାଇବା ସହ ହଜ ତୀର୍ଥର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ । ସମସ୍ତ ହଜ୍ ଯାତ୍ରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ତାଙ୍କ ହଜ୍ ଯାତ୍ରା ସୁଖମ ନିମନ୍ତେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହମ୍ମଦ ୟୁନୁସ ମାଲକାନି, ମହମ୍ମଦ ଉମିଜ, ନସିର ଭାଲ୍ ପୁଟି, ମହମ୍ମଦ ମୋହସିନ, ମହମ୍ମଦ ଇକବାଲ,ମହମ୍ମଦ ଜଲିୟାସ, ସାଜିଦ, ସାହିଲ,ମହମ୍ମଦ ରମିଜ୍, ସାଜିଦ,ଅସଦ, ଲାସିଫ, ହାଇଦର, ଲଖାନ, ଅର୍ଜାନ,ଜରିନ ଫାତିମା ଉପସ୍ଥିତ ଥିଲେ ।

ଆଦିବାସୀ ମହାବିଦ୍ୟାଳୟରେ ଏଡସ ସଚେତନତା ତାଲିମ୍ ସଭା

ବାଲିଗୁଡା, ୧୯/୪ (ଆ.ପ୍ର) : ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟର ରେଡ୍ ରିବନ କ୍ଲବ୍ ଆନୁକୂଲ୍ୟରେ ଏଡ୍ସ ନିୟାନ୍ତ୍ରଣ ସଚେତନତା ତାଲିମ୍ ସଭା ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ସଫ

ଆରମ୍ଭ
SEITHO ARAMBHA
ସୋମବାର, ୨୦ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ

ନୀଳଗିରି, ୧୯/୦୪(ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପୁନ୍ରତତ୍ୱ ବିଭାଗ ପକ୍ଷରୁ ୧୮ ତାରିଖରେ ବିଶ୍ୱ ଐତିହ୍ୟ ଦିବସ ଅବସରରେ ଏକ ସେମିନାର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସଂଚାଳନାର ସହ ଆୟୋଜିତ ହୋଇଥିଲା । ଏହି ସେମିନାରରେ ପ୍ରସିଦ୍ଧ ଶିକ୍ଷାବିତ୍, ବିଶେଷଜ୍ଞ ଓ ଗବେଷକମାନେ ଯୋଗଦେଇ ଓଡ଼ିଶାର ସ୍ଥାନୀୟ ଓ ଅନ୍ତର୍ଜାତୀୟ ଐତିହ୍ୟର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମଟି ପ୍ରଫେସର ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଅନ୍ତର୍ଜାତୀୟ ସାଂସ୍କୃତିକ ଐତିହ୍ୟର ସୁରକ୍ଷାର ଗୁରୁତ୍ୱ ଉଲ୍ଲେଖ କରି, ଏହା ଆମ ସାଂସ୍କୃତିକ ପରିଚୟ ରକ୍ଷାର ମୂଳ ଭୂମିକା ଗୁଡ଼ିକକୁ ଉଲ୍ଲେଖ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଉମାକାନ୍ତ ମିଶ୍ର, ଓଡ଼ିଶାର ପ୍ରାଚୀନ ବନ୍ଧାମାନେ ଯଥା - ଉଲ୍‌କ ବିଶ୍ୱବିଦ୍ୟାଳୟ ପୂର୍ବତନ ଏଆଇଏଚ୍‌ସି ଓ ପୁନ୍ରତତ୍ୱ ବିଭାଗର ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ଓଡ଼ିଶାର ସମୃଦ୍ଧ ସ୍ଥାନକ ଐତିହ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସେ ଐତିହାସିକ ସ୍ଥଳଗୁଡ଼ିକର ବର୍ତ୍ତମାନ ସ୍ଥିତି, ସେମାନଙ୍କ ସୁରକ୍ଷା ପାଇଁ ସରକାରୀ ପଦକ୍ଷେପ ବିଷୟ ଅବଗତ କରାଇବା ସହ ଏକ ଭିଜୁଆଲ ପ୍ରଦର୍ଶନୀ ମାଧ୍ୟମରେ ନିଜ ଉପସ୍ଥାପନାକୁ ଅଧିକ ସ୍ପଷ୍ଟ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଇସଚାନ୍ସିଲର ଇତିହାସ ଓ ପୁନ୍ରତତ୍ୱ ବିଭାଗର ସହାୟକ ପ୍ରଫେସର ଡକ୍ଟର ଶିଖାଶ୍ରୀ ରାୟ ସେମିନାରର ବିଷୟବସ୍ତୁ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମରୁ ସହାୟକ ଅଧ୍ୟାପକ ଶଶାଙ୍କ ଶେଖର ଗଚନାୟକ ସଂଯୋଜନା କରିଥିଲେ ଓ ଶେଷରେ ସହାୟକ ଅଧ୍ୟାପିକା ଜିକାପ୍ରିୟଙ୍କା ଜେଠୀଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଗୃହ ଗଣନା କରିବାକୁ ଯାଇ ଶିକ୍ଷୟତ୍ରୀ ଗୁରୁତର

ବାଲିଆପାଳ, ୧୯/୦୪(ଆ.ପ୍ର) : ବାଲିଆପାଳ ଥାନା କଳୁଆପଡା ଗ୍ରାମକୁ ଗୃହ ଗଣନା ପାଇଁ ଯାଇ ଗୁରୁତର ହେଲେ ଶିକ୍ଷୟତ୍ରୀ. ସୂଚନା ଅନୁସାରେ ଚାଳିତ ବର୍ଷ ଜନଗଣନା ପାଇଁ ସରକାର ସମସ୍ତ ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଜନଗଣନା କାର୍ଯ୍ୟ ରେ ନିୟୋଜିତ କରିଛନ୍ତି. ହେଲେ ଏପ୍ରିଲ ମାସ ସରୁଠାରୁ ଉତ୍ତମ ମାସ ହୋଇଥିବା ବେଳେ, ଜନଗଣନା କରୁଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ସେଉଁ କୌଣସି ସୁବିଧା ସୁଯୋଗ ନଥିବା ଦେଖିବାକୁ ମିଳୁଛି.ତେବେ ଜନଗଣନା କାର୍ଯ୍ୟ ରେ ନିୟୋଜିତ ହୋଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ରୋଗାକ୍ରାନ୍ତ ଥିବା ସତ୍ତ୍ୱେ ସେମାନେ ପ୍ରଚଣ୍ଡ ଖରାରେ କାମ କରୁଛନ୍ତି. ମିଳିଥିବା ସୂଚନା ଅନୁସାରେ ନାଚିଣ୍ଡିଆ ମୂରଲାଧର ସରକାରୀ ଉଚ୍ଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଦାସ, ଗତ ୧୬ ତାରିଖ ଠାରୁ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ଗତ କାଲି ଦିନ ୨.୩୦ ମିନିଟ ସମୟରେ କଦୁଆପଡା ଗ୍ରାମରେ କାମ ସାରି ଫେରୁଥିବା ସମୟରେ ରାସ୍ତା ଉପରେ ଚକେ ପଡିଯାଇଥିଲେ । ତେବେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତାଙ୍କର ପରିବାରକୁ ଖବର ଦେଇଥିଲେ. ପରିବାର ଲୋକେ ପଟ୍ଟଣଟି ତାଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିବା ବେଳେ ସେଠାରେ କେହି ଡାକ୍ତର ନଥିବାରୁ ତାଙ୍କୁ ତୁରନ୍ତ ବଡ଼ା ମେଡିକାଲକୁ ନେଇଥିବା କଣାପଡିଛି । ତେବେ ଶ୍ରୀ ଦାସ ଜଣେ ମଧୁମେହ ଓ ଉଚ୍ଚ ରକ୍ତ ଚାପ ରୋଗୀ ହୋଇଥିବାରୁ ପ୍ରବଳ ଗରମ ପାଇଁ ଏଲଜି ହୋଇଥିବା ଜାଣିବା କଳିଛନ୍ତି ।

ଭ୍ରାମ୍ୟମାଣ ଅବକାରୀବିଭାଗର ବଡ଼ ଧରଣର ଚଢ଼ାଉ ବ୍ୟାପକ ଦେଶୀ ଓ ବିଦେଶୀ ମଦ ସହ ତିନୋଟି ବାଇକ ଜବତ ୬ ଗିରଫ

ନୀଳଗିରି, ୧୯/୦୪(ଆ.ପ୍ର) : ନୀଳଗିରି ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀବିଭାଗର ବଡ଼ ଧରଣର ଚଢ଼ାଉ ହୋଇଛି । ବ୍ୟାପକ ଦେଶୀ ଓ ବିଦେଶୀ ମଦ ସହ ତିନୋଟି ବାଇକ୍ ଜବତକରିବା ସହ ୬ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ସୂଚନାଯୋଗ୍ୟ ନୀଳଗିରି ଅଂଚଳର ବିଭିନ୍ନ ସ୍ଥାନରେ ଏବେ ବେଆଇନ ମଦ କାରବାର ବୃଦ୍ଧି ହେବାରେ ଲାଗିଛି । ବାଉଖାଉ ଅଭିଯୋଗ ହୋଇଥିଲେ ଯେଁ ନୀଳଗିରି ଅବକାରୀବିଭାଗ ତତ୍ପରତା ଆଶ୍ୱସ୍ତିଶ୍ୱାସ କାର୍ଯ୍ୟାନୁଷ୍ଠାନ ନହେବାରୁ ଗାଁ ଠାରୁ ସହର ସବୁଠି ଖୋଲାମେଲାରେ ମଦବେପାର ଚାଲିଛି । ତେବେ ଆଜି ବାଲେଶ୍ୱର ଅବକାରୀ ସୁପରିଣ୍ଟେଣ୍ଡ ମନୋଜ କୁମାର ଶେଠୀଙ୍କ ନିର୍ଦ୍ଦେଶରେ ଏକ ଟିମ ନୀଳଗିରି ଅଂଚଳରେ ଅଚାନକ ଚଢ଼ାଉ କରିଥିଲେ । ଫଟକିଶ୍ୱର ଅଂଚଳରେ ଗୋପୀନାଥପାଟି ଅଂଚଳର ଜଗବନ୍ଧୁ ବେହେରା(୪୭) ଗୋଟିଏ ମୋଟର ସାଇକେଲରେ ୧୦୦ ଲିଟର ଦେଶୀମଦ ନେଇଥିବା ବେଳେ ଅବକାରୀଟିମ୍ ମଦ ଓ ଗାଡ଼ି ଜବତ କରିଥିଲେ । ସେହିପରି ଦାଖଣପୁଟ୍ରର ଛକରେ ସିଆଡିମାଳ ଅଂଚଳର ଅଜୟ କୁମାର ସାହୁବାରୁ(୫୦)ଙ୍କ ଠାରୁ ମୋଟରସାଇକେଲ ଜବତ ସହ ୧୦୦ ଲିଟର ଦେଶୀମଦ ଜବତ କରିଥିବା ବେଳେ ସେହି ଛକରେ ଘାଟପରବାହି ଅଂଚଳର ଦୁର୍ଗାଶଙ୍କର ବେହେରା(୩୧)ଙ୍କ ଠାରୁ ଗୋଟିଏ ମୋଟର ସାଇକେଲ ଓ ୧୨୦ ଲିଟର ଦେଶୀମଦ ଜବତ ହୋଇଛି । ସେହିପରି ଜାଦୁପାଲ ଗୋଲେଇରେ ଚଢ଼ାଉ କରି ବଡ଼ାସ ଗ୍ରାମର ହେମନ୍ତ ପାତ୍ର(୪୩)ଙ୍କ ଠାରୁ ୧୬.୨୫୦ ଲିଟର ବିଅର ଜବତ କରାଯାଇଥିବା ବେଳେ ନୂଆଗାଁ ଗ୍ରାମର ଧନଞ୍ଜୟ ପ୍ରଧାନଙ୍କ ଠାରୁ ୩.୬୦ ଲିଟର ବିଦେଶୀ ମଦ ଜବତ ହୋଇଛି । ସେହିପରି ପଦାବଡ଼ଗାଁ ଅଂଚଳର ସୁଶାନ୍ତ କୁମାର ନାୟକ(୪୩)ଙ୍କ ଠାରୁ ୬.୫୦୦ଲିଟର ବିଅର ଓ ୩.୬୦୦ଲିଟର ବିଦେଶୀମଦ ଜବତ ହୋଇଛି । ଏନେଇ ବାଲେଶ୍ୱର ଭ୍ରାମ୍ୟମାଣ ଓ ସଦର ଗୋଷ୍ଠ ଅବକାରୀ ବିଭାଗରେ ପୃଥକ ୬ଟି ମାମଲା ରୁଜୁକରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଏହି ଚଢ଼ାଉରେ ଜନିଷ୍ଟେବ୍ଲର ସ୍ୱପ୍ନରାଣୀ ସାହୁ ଓ ହରିଚନ ସିଂ, ସବଇନିଷ୍ପେକ୍ଟର ଲାବେଶ ଦାସ, କନ୍ଷେବନ ସୁନାରାମ ସରେନ, ସୁବିରାଜାନ୍ତ ବେହେରା, ତପନ କୁମାର ମଲ୍ଲିକ, ପଙ୍କଜ କୁମାର ମାଝୀ, ଏସକେ ଜଲିମ ପ୍ରମୁଖ ସାମିଲ ଥିଲେ ।

ସମାଜସେବୀ ଭଗବାନ ରାଉତଙ୍କ ବିୟୋଗରେ କ୍ରିୟାନୁଷ୍ଠାନ କମିଟିର ଶୋକ

ବାଲେଶ୍ୱର, ୧୯/୦୪(ଆ.ପ୍ର) : ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ପ୍ରତିଷ୍ଠାତା ସାଧାରଣ ସଂପାଦକ ତଥା ବରିଷ୍ଠ ସମାଜସେବୀ ଭଗବାନ ରାଉତଙ୍କ ବିୟୋଗରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି । ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ଅଫିସ୍ ପରିସରରେ ଶନିବାର ଦିନ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସଦସ୍ୟମାନେ ସ୍ୱର୍ଗତ ଭଗବାନଙ୍କର ସ୍ମୃତିଚାରଣ କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ । ସ୍ୱର୍ଗତ ଭଗବତ ଜିଲ୍ଲା ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ପ୍ରାଥମିକ ବିଦ୍ୟାଳୟରୁ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ତାଙ୍କର ସରକାରୀ ଚାକିରି କାଳରେ ସେ କର୍ମଚାରୀମାନଙ୍କୁ ସଂଗଠିତ କରି ରାଜ୍ୟସ୍ତରରେ ବହୁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଗତ ୨୦୦୫ ମସିହାରେ ବାଲେଶ୍ୱରରେ ଏକ ସରକାରୀ ମେଡିକାଲ୍ କଲେଜ ଓ ଅତ୍ୟାଧୁନିକ ଜଳପିଟାଲ ପ୍ରତିଷ୍ଠା ପାଇଁ ଗଠିତ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସେ ପ୍ରଥମ ସାଧାରଣ ସଂପାଦକ ଭାବେ ଦୀର୍ଘଦର୍ଶ ପାରିଥିବୁ ତୁଲାଇଥିଲେ । କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ପୃଷ୍ଠପୋଷକ ସଭ୍ୟଭାବେ ସେ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ସ୍ୱର୍ଗତ ଭଗବତ ଜଣେ ସଂଗଠନ ପ୍ରେମୀ ସମାଜସେବୀ ଭାବେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନର ସଦସ୍ୟ ଓ କର୍ମଚାରୀର ଦାୟିତ୍ୱ ତୁଲାଇଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ, ପୂର୍ବତନ ସଭାପତି ମମତା ମହାପାତ୍ରଙ୍କ ସମେତ ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତିଶ୍ୱର ଦାସ, ରମେଶ ଚନ୍ଦ୍ର ଜେନା, ସରସ୍ୱତୀ ପଣ୍ଡା, ଜଂ. ବନମାଳୀ ନାୟକ, ଦୟାନିଧି ମହାପାତ୍ର, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶୀତାନ୍ତ ଦାସ ଓ ଅନ୍ୟୟ ଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱର୍ଗତ ଭଗବତଙ୍କ ବହୁବିଧ ଗୁଣାବଳୀର ବର୍ଣ୍ଣନା କରିଥିଲେ । ତାଙ୍କ ଦେହାନ୍ତ ଯୋଗୁଁ କ୍ରିୟାନୁଷ୍ଠାନ କମିଟି ଜଣେ ଦକ୍ଷ ନେତୃତ୍ୱକୁ ହରାଇଲା ବୋଲି ସେମାନେ ମତ ଦେଇଥିଲେ । ବିଜନ ଦେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଚଳନ୍ତା ଟ୍ରେନରୁ ଖସି ଯୁବକ ଗୁରୁତର



ସିମୁଳିଆ, ୧୯/୦୪(ଆ.ପ୍ର) : ମାର୍କୋଣା ରୋଡ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ଖସି ଯୁବକ ଗୁରୁତର ଅବସ୍ଥାରେ ସିମୁଳିଆ ପରେ ଜରୁକ ମେଡିକାଲକୁ ଗ୍ରାଜାଇଛି । ସୂଚନାନୁସାରେ ପ୍ରକାଶ ଆଜି ମଧ୍ୟାହ୍ନ ସମୟରେ ଗୁଇଁଟିରୁ ସିକନ୍ଦରାବାଦ (୦୭୦୨୯) ଯାତ୍ରାଧାରୀ ଷ୍ଟେଣାର ଟ୍ରେନଟି ଦକ୍ଷିଣ ପୂର୍ବ ରେଳପଥର ମାର୍କୋଣା ରୋଡ ଷ୍ଟେସନରେ ରୁଟ ବେଗରେ ଅତିକ୍ରମ କରୁଥିବା ସମୟରେ ଚଳନ୍ତା ଟ୍ରେନରୁ ଯୁବକ ଜଣଙ୍କ ଖସିପଡି ଗୁରୁତର ହୋଇଥିଲେ । ଯୁବକ ଜଣକ ଖସି ପଡିବା ଜାଣି ସ୍ଥାନୀୟ ଅଂଚଳର ସାମାଜ ସେବା ରାଜୁଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ଯୁବକକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ଅତସ୍ତ୍ର ଗୁରୁତର ହେବାରୁ ଉତ୍ତର ମେଡିକାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି । ତେବେ ଯୁବକ ଜଣକ ଆସାମ ରାଜ୍ୟର ଗୁଆଟି ଅଂଚଳର ମୁଜିବୁଲ ଇସଲାମ ବୋଲି ଜଣାଅପଡ଼ିଛି ।

ଯୋଗାଣ ଅଧିକାରୀଙ୍କ ଦ୍ୱାରା ଦିବ୍ୟାଙ୍ଗ ମହିଳାଙ୍କୁ ରେସନ କାର୍ଡ ବଂଟନଂଚଗର ଓ ଭତା ଦେବାକୁ ଦାବି କଲେ ଗ୍ରାମବାସୀ

ବାଲିଆପାଳ, ୧୯/୦୪(ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଜିଲାଗଡିଆ ଗ୍ରାମର ଦିବ୍ୟାଙ୍ଗ ମହିଳାଙ୍କୁ ବାଲିଆପାଳ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ରେସନ କାର୍ଡ ଯୋଗାଇ ଦେଇଛନ୍ତି । ସୂଚନାରୁ ପ୍ରକାଶ ଗ୍ରାମର ବାସନ୍ତୀ ପଡିହାରୀ ଜଣେ ବିଧବା ଏବଂ ଶତପ୍ରତିଶତ ଦିବ୍ୟାଙ୍ଗ ମହିଳା । ପରିବାର ବହିଲେ କେବଳ ଗୋଟିଏ ଝିଅ । ବାପା, ମା ,ସ୍ୱାମୀ, ପୁଅ ଛେଡି ନାହାନ୍ତି । ଧାଇଁ ଦୈନିକ ସାହାଯ୍ୟ କରିବା ପାଇଁ ପୁରୁଷ ନଥିବାରୁ ରେସନ କାର୍ଡ ପଞ୍ଜିକରଣ କରିବା ପାଇଁ ମଧ୍ୟ ସମ୍ଭବ ହୋଇପାରିନଥିଲା । ଜଗତିପୁର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବର୍ଷା ରାଣି ନାୟକ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭାଗୀୟ ଅଧିକାରୀ ଏହାକୁ ବିଚାରକୁ ନେଇ ଗୋଟିଏ ଦିନ ମଧ୍ୟରେ ବାସନ୍ତୀଙ୍କ ଘରେ ପହଂଚି ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରେସନ କାର୍ଡ ଯୋଗାଇ ଦେବା ସହିତ ସ୍ଥାନୀୟ ଡିଡିଏଲ୍‌କୁ ଶିଘ୍ର ରାସନ୍ ଯୋଗାଇ ଦେବା ପାଇଁ କହିଛନ୍ତି । ଏହି ସମୟରେ ଜଗତିପୁର ସରପଂଚ ସୁଭାଷ ଚନ୍ଦ୍ର ବେହେରା, ସମାଜସେବୀ ବିରେଜ୍ଜି ପାତ୍ର, ଗଣେଶ ଚନ୍ଦ୍ର ବାଗ,ପଦ୍ମ ଲୋଚନ ମାଝୀ ଉପସ୍ଥିତ ଥିଲେ । ଏହି ଦିବ୍ୟାଙ୍ଗ ମହିଳାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଭତା, ଅନ୍ତ୍ୟୋଦୟ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି ହୋଇଛି ।

ନିଶାମୁକ୍ତ ସମାଜ ଗଠନ ହେଲେ ଅପରାଧ ହ୍ରାସ ପାଇବ

ମିଳିତ ନିଶା ନିବାରଣ ଅଭିଯାନ 'ମନା' ଦଶମ ବାର୍ଷିକ ସମ୍ମିଳନୀରେ ଅତିଥିମାନଙ୍କର ମତପ୍ରକାଶ

ରେମୁଣା/ବାଲେଶ୍ୱର, ୧୯/୦୪(ଆ.ପ୍ର) :ନିଶା ବିରୋଧରେ ଜନ ସଚେତନତା ବୃଦ୍ଧିପାଇଲେ ଓ ଏଥିପାଇଁ ରାଜ୍ୟ ସରକାର ନିଶାମୁକ୍ତ ଓଡ଼ିଶାପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ରବିବାର ଦିନ ପୂର୍ବାହ୍ନରେ ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱରର ୧୦ମ ବାର୍ଷିକ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଲାୟରଗଞ୍ଜସ୍ଥିତ ଗୁଲମୋହର ସରାଗୃହରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇ 'ନିଶାକୁ ନା' ଆହ୍ୱାନକୁ ସ୍ୱାଗତ କରି ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ । ଦେଶର ଆଗାମୀ ଭବିଷ୍ୟତ ଯୁବପିଢ଼ିଙ୍କୁ ନିଶା ବିରୋଧରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ 'ମନା'ର କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଶ୍ରୀ ଦାସ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ପ୍ରଧାନ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁଚ୍ରତ କର ଓ ଡ. କେଶବ ଚରଣ ପଣ୍ଡା ପ୍ରମୁଖ 'ମନା'ର ଆଜୀବନ ମୁଖ୍ୟ ଉପରେ ଆଲୋକପାତ କରିଥିଲେ । ରାଜ୍ୟ ନିଶାମୁକ୍ତ ହେଲେ ବହୁ ଅପରାଧ ଓ ଅଜାନ ମୃତ୍ୟୁରୁ ଗୋଜାଯାଇପାରିବ ଓ ପାରିବାରିକ ହିଂସାର ସମାଧାନ ହୋଇପାରିବ ବୋଲି ଅତିଥି ଓ ବକ୍ତାମାନେ ମତପ୍ରକାଶ କରିଥିଲେ । ଡ. କ୍ଷିତୀଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟ ବ୍ୟୟର ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନର 'ମୁଖପତ୍ର-୨୬' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଡ. ଦୟାନିଧି ମହାପାତ୍ର ଆଗାମୀ ବର୍ଷ ପାଇଁ କାର୍ଯ୍ୟସମ୍ବନ୍ଧ୍ୟ ଉପସ୍ଥାପନା କରିଥିଲେ । ମୁଖପତ୍ରର ଶ୍ରୀମାବଳୀୟ ଗୀତାଞ୍ଜଳି ସିଂହ ପାଠ କରିଥିଲେ । ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମାଙ୍କୁଡ଼ ଆହ୍ୱାନ କରିଥିଲାବେଳେ ଅର୍ଚ୍ଚନା ନନ୍ଦୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ବ୍ଲକ୍ କମିଟି ପକ୍ଷରୁ ବିଶ୍ୱାପ୍ରିୟ ଗିରି, ଗଙ୍ଗାଧର ପାତ୍ରୀ, ଲୁମୁଦ ରଞ୍ଜନ ଗିରି, ଡ. ଅଜିତ ମହାନ୍ତି, ବ୍ୟଙ୍ଗକବି ପ୍ରଭାକର ସାହୁ, ସୁଜାତାଣି ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ନିଶା ନିବାରଣ ସଚେତନତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସୁଗୋ ଗ୍ରାମର ସବିତା ଭୂୟାଁଙ୍କୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଭାନାର୍ଯ୍ୟ ପ୍ରାରମ୍ଭରେ ଶ୍ରୀଶ୍ରୀ ଜଗନ୍ନାଥ ଓ ମହାମୃତ୍ୟୁଞ୍ଜୟଙ୍କ ଫୋଟୋ ଚିତ୍ରରେ ଅତିଥିମାନେ ପୁଷ୍ପପ୍ରଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ରମେଶ ଚନ୍ଦ୍ର ଜେନା ଶୋକ ପ୍ରସ୍ତାବ ଆଗତ କରିଥିଲେ ଓ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ରାଜ୍ୟ ସଂଗୀତ 'ଜଦେ ଜଳୁକ ଜନନୀ...' ଗାନ କରାଯାଇଥିଲା । ସରସ୍ୱତୀ ପଣ୍ଡା ନୂତନ ସଭ୍ୟମାନଙ୍କ ନାମ ଘୋଷଣା କରିବା ପରେ ସେମାନଙ୍କୁ ପୁଷ୍ପସ୍ତବକ ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠନ ପକ୍ଷରୁ ନିରଞ୍ଜନ ପରିଡ଼ା, ସଂଗୀତା ମାହାନ୍ତି, ସମରେନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, କଳ୍ୟାଣୀ ନନ୍ଦ, ସ

ନିତ୍ୟଦିନକ
ଆରମ୍ଭ
SEITHO ARAMBHA
ସୋମବାର, ୨୦ ଅପ୍ରେଲ, ୨୦୨୬ : ଭାଗେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଚିତ୍ର ବିଚିତ୍ର

ଆଜିର ଯୁଗ ସମାଜରେ ବିଜ୍ଞାନୁତାବାଦୀଙ୍କର ଜୌଣସି ପ୍ରଭାବ ନାହିଁ । ଏ କଥା ଆମେ କେବଳ ମୁହଁରେ କହିଦେଲେ ହେବନି । ଅନ୍ୟମାନଙ୍କ ଭଳିବିଜ୍ଞାନୁତାବାଦୀଙ୍କର ପ୍ରଭାବ ବି ରହିଛି । ସେମାନେ ଦେଖେ ବେଳେ ଏପରି ପ୍ରଭାବଶାଳ ହୋଇଉଠନ୍ତି, ଯାହାକୁ କୁପ୍ରଭାବ ପୂଜା ଦେଶରେ ଅନୁଭୂତହୋଇଯାଏ । ବିଜ୍ଞାନୁତା ମଧ୍ୟରେ ବିଜ୍ଞାନୁତାବାଦର ଉଦାହରଣ ଦେବାର ଏକ ପ୍ରମୁଖ କାରଣ ହେଉଛି ସେହି ବିଜ୍ଞାନୁତା ହିଁ ଅନେକ ସମୟରେ ପାରିପାର୍ଶ୍ୱ ପ୍ରଥମ କାରଣ ବିଜ୍ଞାନୁତାବାଦର ଯାହା ଉର୍ଦ୍ଧମାନର ସମାଜ ପାଇଁ ପାରିପାର୍ଶ୍ୱିକ ବିକାଶ କାରଣ । ସଂପ୍ରତିକୀ ସମାଜରେ ବଳବିତ୍ତ ବହୁତ ବଡ଼ ଏକ ମାଧ୍ୟମ ପାରିପାର୍ଶ୍ୱିକ ପରିବର୍ତ୍ତନର । ପରିବର୍ତ୍ତନର ସମ୍ଭବନା ଅଛି ଆଖିରେ ଭିତରେ ଭାରତୀୟ ସମାଜ ଉପରେ ଏବେ ଚଳଚ୍ଚିତ୍ରର ପ୍ରଭାବ ଅନେକ ବେଶି ବଢ଼ିଯାଇଛି । ସମାଜରେ ମିଶ୍ର ପ୍ରଭାବ ରହିଛି । ସବୁଷ୍ଣରର ପ୍ରଭାବ ରହିଛି ସମାଜରେ । କଳା, ବିଜ୍ଞାନ ଅବା କମର୍ଶ, ଯାହା ବି ହେଉ ସବୁର ପ୍ରଭାବ ରହିଛି ସମାଜରେ । ତେବେ କାହାର କେତେଦୂର ପ୍ରଭାବ, ତାହା ଭିନ୍ନ କଥା । ଏତେ ସବୁର ପ୍ରଭାବ ସତ୍ତ୍ୱେ ସମାଜରେ କାହାର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ଅନୁଭୂତ ହେଉନି । ବିଜ୍ଞାନର ପ୍ରଭାବ ସମାଜରେ ଯେ ସର୍ବାଧିକ, ଏ କଥା ଆମ ସମସ୍ତେ ଜାଣୁ । ଯାହାର ପ୍ରମାଣ ଆମେ ସବୁ ସମୟରେ ପାଉଛୁ । ବିଜ୍ଞାନ କ'ଣ ବିଧ୍ୱଂଶକାରୀ? ବିଜ୍ଞାନ କ'ଣ ବିନାଶକାରୀ? ଉତ୍ତର ଦେବ କେବେ ନୁହେଁ । ତେବେ ଏ ସବୁ କାହିଁକି ? ଏସବୁ ପଛରେ କେବଳ ଗୋଟିଏ ମୁଖ୍ୟ କାରଣ । ମଣିଷର ନକାରାତ୍ମକ ମାନସିକତା ହିଁ ଦାୟୀ । ଏଣୁ ଏତେସବୁ ଆଦିଷ୍ଟାର-ଉଭାଦନ ମଧ୍ୟରେ ସମାଜ ଆଜି ବିପର୍ଯ୍ୟସ୍ତ, ସମାଜ ଆଜି ଧ୍ୱସ୍ତ ବିଧ୍ୱସ୍ତ । ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯାହାର କୁକଳ ପ୍ରମାଣ । ପରେ ଆମେ କମର୍ଶ କଥା ଚିନ୍ତା କରିବା । ଚୁନିମାର ଧାନ ଆଜି କମର୍ଶ ଉପରେ ଅଧିକ ପରିମାଣରେ କେନ୍ଦ୍ରୀଭୂତ । ସରକାରୀ ସ୍ତର ହେଉ କି ବେସରକାରୀ ସ୍ତର, ସବୁ ସ୍ତରରେ ଆଜି କମର୍ଶର ପ୍ରଭାବ: ଚାଶିଜ୍ୟ ବ୍ୟବସାୟର ପ୍ରଭାବ । ତଥାପି ଦୁନିଆରେ ଆଜି ବହୁ ମାନୁଷେ ଗରିବୀ ପରିଲକ୍ଷିତ ହେଉଛି । ଏଇ ପଛରେ ବି ସେହି କାରଣ । ମଣିଷର କୁସ୍ଥିତ ମାନସିକତା । ମଣିଷର ନକାରାତ୍ମକ ମାନସିକତା । ଯଦି ଏପରି ମାନସିକତା ମଣିଷର ଲାଗିରହେ, ତେବେ ସବୁ କିଛି ଦିନେ ପ୍ରଭାବଶୂନ୍ୟ ହୋଇଯିବ । ସେହି ଅର୍ଥରେ ଆମେ କଳା-ସଙ୍ଗୀତ କଥାକୁ ବିଚାରକୁ ନେଇପାରିବା । ଚଳଚ୍ଚିତ୍ର କଥା ମଧ୍ୟ ବିଚାରକୁ ନେଇପାରିବା । ସମାଜରେ ଚଳଚ୍ଚିତ୍ରର ପ୍ରଭାବ କିଛି କମ ନୁହେଁ । ସେ ଭଳିଉତ୍ତର ହିନ୍ଦୀ ଚଳଚ୍ଚିତ୍ର ହେଉ କି ବଙ୍ଗଳି ଭାରତୀୟ ଚଳଚ୍ଚିତ୍ର ହେଉ, ସବୁ ତ ଏହି ଦେଶର ଚଳଚ୍ଚିତ୍ର । ଦେଶର ଚଳଚ୍ଚିତ୍ରର ପ୍ରଭାବ ତ ଦେଶ ଉପରେ ପଡ଼ିବ ନିଶ୍ଚୟ । କେହି କେହି କହନ୍ତି, ହିନ୍ଦୀ ଚଳଚ୍ଚିତ୍ରର ପ୍ରଭାବ ସର୍ବାଧିକ: ପୁଣି ଆଉ କେହି କହନ୍ତି ସାଉଥ୍ ଚଳଚ୍ଚିତ୍ରର ପ୍ରଭାବ ସର୍ବାଧିକ । ହେଲେ ଭାରତୀୟ ଦର୍ଶକମାନଙ୍କ ମଧ୍ୟରେ ସର୍ଭେ ମାଧ୍ୟମରେ ତଥ୍ୟ ଯାହା କହୁଛି ଯେ କୌଣସି ବି ଚଳଚ୍ଚିତ୍ର ହେଉ ନା କାହିଁ"ସବୁର ପ୍ରଭାବ ରହିଛି ସମାଜ ଉପରେ । ହେଲେ ଆଗଭଳି ପ୍ରଭାବ ନାହିଁ । ଏବଂ ଚଳଚ୍ଚିତ୍ରର ପ୍ରଭାବ କେତେଦୂର ? ତାକୁ ନେଇ ଆଜି ପ୍ରଶ୍ନବାଚୀ । ସବୁ ସ୍ତରରେ ପ୍ରଶ୍ନବାଚୀ । ସାଧାରଣତଃ ଚଳଚ୍ଚିତ୍ରରେ କୌଣସି ଏକ ନିର୍ଦ୍ଦିଷ୍ଟ କାହାଣୀକୁ ନେଇ ଅତି ସୁନ୍ଦର ଭାବେ ଏକ ମୁଭିର ସଂଯୋଜନା କରାଯାଇଥାଏ । ମୁଭି ଅବା ମୁଭିଙ୍କ ପିକ୍‌ଚର ଅବା ଚଳଚ୍ଚିତ୍ର ଯାହା ଚଳଚ୍ଚ ଚିତ୍ର । ସେହି ଚଳଚ୍ଚିତ୍ରକୁ ଦେଖି ଲୋକେ ଆଜି ଖାଇଆ । ସେହି ଚଳଚ୍ଚିତ୍ରକୁ ଦେଖି ଲୋକେ ଆଜି ପାଗଳ । ଏ ସବୁ କହିବାର ଅର୍ଥ ହେଲା ଲୋକେ ସେହି ଚଳଚ୍ଚିତ୍ର ପ୍ରଭାବରେ ବହୁ ପରିମାଣରେ ପ୍ରଭାବିତ । ଏତେ ପରିମାଣରେ ଯେ କେବେ ସେହି ଚଳଚ୍ଚିତ୍ର ପ୍ରଭାବରେ ଲୋକେ କାହାର ଜୀବନ ନେଇଯାଉଛନ୍ତି ତ ଆଉ କେବେ ନିଜର ଜୀବନ ହାରୁଛନ୍ତି । ଚଳଚ୍ଚିତ୍ରର ପ୍ରଭାବ ଏତେଦୂର ଏ ସମାଜରେ । ତା ' ଭିତରେ ପୁଣି ଆଉ ଗୋଟିଏ କଥା ଯେ ସେହି ଚଳଚ୍ଚିତ୍ରକୁ ନେଇ ପୁଣି ଅନେକ ଦ୍ୱନ୍ଦ୍ୱ ଉତ୍ପୁଜିବାର ଆଶଙ୍କା ସୃଷ୍ଟି ହେଉଛି । କାହିଁକି ? କେବେ ସାଉଥ୍ ଫିଲ୍ମକୁ ନେଇ ତ ଆଉ କେବେ ନର୍ଥ ସାଉଥ୍ ଫିଲ୍ମକୁ ନେଇ । ସାଉଥ୍‌ବାଲା କହୁଛନ୍ତି ଆମେ ଆଗରେ ତ ନର୍ଥବାଲା କହୁଛନ୍ତି ସେମାନେ ଆଗରେ । ଫିଲ୍ମବାଲା କହୁଛନ୍ତି ସେମାନେ ଆଗରେ, ଦର୍ଶକ ବି ଏତେ ପରିମାଣରେ ପ୍ରଭାବିତ ଯେ ସେମାନେ ମଧ୍ୟ ଜାହୁଛନ୍ତି କି ସେମାନେ ଆଗରେ । ଫିଲ୍ମ ପ୍ରଭାବରେ ସମାଜ ଯଦି ଏତେ ଆଗରେ, ତେବେ ସମାଜ ଆଜି ଏତେ ପଛରେ କାହିଁକି । ସମାଜରେ ଯଦି ଚଳଚ୍ଚିତ୍ରର ପ୍ରଭାବ ଯଦି ଏତେ ଅଧିକ ତେବେ ସେହି ପ୍ରଭାବରେ ସମାଜରେ ସେଇଭଳି କୌଣସି ଖାସ୍ ପରିବର୍ତ୍ତନ ହେଉନାହିଁ କାହିଁକି ? ସବୁଦିନ ସମାଜରେ ନାନାଦି ବିଶୃଙ୍ଖଳା । ବିଶେଷ କଥା ହେଲା ସେହି ଚଳଚ୍ଚିତ୍ର କାରଣରୁ ହିଁ ସମାଜରେ ସୃଷ୍ଟି ହେଉଛି ସେହିପରି ଅବସ୍ଥା । ତେବେ ସମାଜରେ ଚଳଚ୍ଚିତ୍ରର ପ୍ରଭାବ କେତେଦୂର ?

ଜୀବନରେ ସୁଆଦ ଅଛି ଦୁଃଖ ନାହିଁ କି ମୃତ୍ୟୁ ନାହିଁ....

'ପଦ୍ମଭୂଷଣ ଗୋପୀନାଥ ମହାନ୍ତି'

॥ ଡଃ.ଅରୁନ୍ଧତୀ ଦେବୀ ॥

ଆଜି ହେଉଛି ବିଶିଷ୍ଟ ସାରସ୍ୱତ ସାଧକ ପଦ୍ମ ଭୂଷଣ ଗୋପୀନାଥ ମହାନ୍ତିଙ୍କ ସ୍ମରଣୋତ୍ସବ ତିଥି । ଫକୀରମୋହନ ସେନାପତିଙ୍କ ପରେ ଓଡ଼ିଆ ଗଦ୍ୟ ସାହିତ୍ୟକୁ ତାଙ୍କର ଅବଦାନ ଭାଜାଣ୍ଡ ଓ ଅବିସ୍ମରଣୀୟ । ତାଙ୍କର କର୍ମମୟ ଜୀବନର ଅଧିକାଂଶ ସମୟ କଟିଥିଲା କୋରାପୁଟ ଜିଲ୍ଲାର ବଣଜଙ୍ଗଲ, ନଦୀ, ନାଳ, ମାଟି, ପବନ, ଆକାଶ ଏବଂ ସେଇ ଅଂଚଳର ଆଦିବାସୀ ଜନଜୀବନର ଦୁଃଖଦ, ସୁଖଦ ଓ ପ୍ରକୃତି ବିଶ୍ୱାସୀ ମଣିଷମାନଙ୍କ ଭିତରେ । ସେ ନିଜକୁ ସେମାନଙ୍କ ସହିତ ଏପରି ନିବିଡ଼ ଭାବରେ ମିଶାଇ ଦେଇଥିଲେ ଯେ, ଶେଷରେ ଭଲା ହୋଇଗଲେ ଜଣେ ଆଦିବାସୀ ମଣିଷ ଭାବରେ । ସେ ଓଡ଼ିଆ ଗଦ୍ୟ ସାହିତ୍ୟର ପିତାମହ ବୋଲି ଅଭିହିତ ହୋଇଥିଲେ ମଧ୍ୟ ତାଙ୍କ ସୃଷ୍ଟିରେ ଛାରେ ଛାରେ ବନିଷ୍ଠ ଜଗରାଳୀ ନାଟ୍ୟକାର ସେଲ୍‌ସପିୟରଙ୍କ ଭଳି କବିତାର ବାସନା ଉଦ୍ଭୂତି ଉଠେ । ତାଳ, ଲୟ, ଛନ୍ଦ, ସବୁଥିରେ କବିତାର ଭୁରି ଭୁରି ମହକ ପ୍ରତ୍ୟେକ ପାଠକଙ୍କୁ ଆଛନ୍ନ ଓ ଆବିଷ୍ଟ କରେ । ଓଡ଼ିଆ ସାହିତ୍ୟର ବିଶିଷ୍ଟ ସାହିତ୍ୟିକ, ଔପନ୍ୟାସିକ ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତି ଏପ୍ରିଲ ୨୦ ତାରିଖ ୧୯୧୪ ମସିହା କଟକର ମହାନଦୀ ନିକଟସ୍ଥ ଏକ ଛୋଟ ଗାଁ ନାଗାବଳିରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କୁ ଓଡ଼ିଆ ସାହିତ୍ୟର ଜଣେ ମହାନ କଥାକାର କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆ ଶ୍ରୁତଗଳ୍ପର ଚରମିତା ତଥା ଜନକ ଫକୀରମୋହନ ସେନାପତିଙ୍କ ପରେ ଗୋପୀନାଥ ଅଛେ ଦ୍ୱିତୀୟ ସର୍ଜକ କଥାକାର । ଗୋପୀନାଥ ମହାନ୍ତିଙ୍କ ଦଢ଼ରାଗ କାନ୍ଦୁରରେ ମହାନ୍ତି ଓ ପୁତୁଳା ଗୁରୁପ୍ରସାଦ ମହାନ୍ତିଙ୍କର ଓଡ଼ିଆ ସାହିତ୍ୟ ପ୍ରତି ରହିଥିଲା ଅନେକ ଅବଦାନ । ଗେରେଜ୍ରୀ କଲେଜରେ ଭଲଶିକ୍ଷା ଶେଷ କରିବା ପରେ ସେ ୧୯୩୬ ମସିହାରେ ପାଟନା ବିଶ୍ୱବିଦ୍ୟାଳୟରୁ ଏମ୍.ଏ.ଡିଗ୍ରୀ ହାସଲ କରିଥିଲେ ।

୧୯୩୮ ମସିହାରେ ସେ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ପରେ ପରେ ଗୋପୀନାଥ ଲେଖାଲେଖିରେ ମନୋନିବେଶ କରିଥିଲେ । ଧୀରେ ଧୀରେ ଛୋଟ ଛୋଟ ଗଳ୍ପ ତଥା କବିତା ଲେଖି ଲେଖି ଉପନ୍ୟାସ ଲେଖିବାକୁ ଲାଗିବାକୁ ଆରମ୍ଭ କଲେ । ସେତେବେଳର ସାଧାରଣ ଲୋକ, ନିପଟ ଗାଉଁଲି ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ତଥା ନିରକ୍ଷର ଜୀବନଧାରଣ ଆଦିକୁ କେନ୍ଦ୍ର କରି ତାଙ୍କର ସାହିତ୍ୟ ବାସ୍ତବତାର କାହାଣୀ ରୂପ ନେଲା । ପ୍ରାୟତଃ ତାଙ୍କ ଲେଖାରେ ଓଡ଼ିଆ ଚଳଣି, ଓଡ଼ିଆ ସଂସ୍କୃତି ଆଦି ସ୍ପଷ୍ଟ ପାଉଥିଲା । ସାଧାରଣ ମଣିଷର ଭାଷାକୁ ସେ ବାସ୍ତବତାର ରୂପ ଦେଇପାରୁଥିଲେ । ତାଙ୍କ ସାହିତ୍ୟ ଥିଲା ଜୀବନ୍ତ ସାହିତ୍ୟ । ଅସଂଖ୍ୟ ଦୁଃଖୀ ଦରିଦ୍ରଙ୍କ ମନର ଭାଷାକୁ ସେ କାହାଣୀ ମାଧ୍ୟମରେ ମୂର୍ତ୍ତାର ପାଉଥିଲେ । ଯାହାକୁ କୁହାଯାଏ ସାଧାରଣ ମଣିଷର କାହାଣୀ । ଗୋପୀନାଥଙ୍କ ରଚନା ମଧ୍ୟରେ ୨୪ଟି ଉପନ୍ୟାସ, ୨୦ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ, ୨ଟି ଆତ୍ମଜୀବନୀ, ମହତ୍ପୂର୍ଣ୍ଣ ନିବନ୍ଧର ଦୁଇଟି ସଂକଳନ, କଳ୍ପ, ଗଳ୍ପ ଓ ସୋରା ଜନଜାତିଙ୍କ ଭାଷାରେ ଲିଖିତ ୫ଟି ପୁସ୍ତକ ଓ କହୁଷ୍ଣୁଡ଼ ଗଳ୍ପ ଅନ୍ୟତମ । ଜଗରାଳୀ ଲେଖକ ତରୁଣଚରଣ 'ଶ୍ରୀ ଆଣ୍ଡ ପିଏ'କୁ ଓଡ଼ିଆରେ ଅନୁବାଦ କରିଥିଲେ । ଗୋପୀନାଥଙ୍କ ୪ଟି ଉପନ୍ୟାସ ପରଜା, ଜାନାପାଣି, ଲୟ ବିଲୟକୁ ବିକ୍ରମକେଶରୀ ଦାସ ଅନୁବାଦ କରିଥିବାବେଳେ ଗାଦିଚୁଡ଼ାକୁ ଅରୁଣ ମହାନ୍ତି ଅନୁବାଦ କରିଛନ୍ତି । ତେବେ ଗୋପୀନାଥଙ୍କ ଉପନ୍ୟାସକୁ ଜଗରାଳୀରେ ଅନୁବାଦ କରିବାକୁ ଅନୁବାଦକମାନଙ୍କୁ ବହୁ ଲକ୍ଷ ସ୍ୱୀକାର କରିବାକୁ ପଡୁଥିଲା । କାରଣ ଉପନ୍ୟାସର ବର୍ଣ୍ଣନା ଶୈଳୀ ତଥା ତାହାର ପ୍ରକୃତ ଭାବକୁ ଜଗରାଳୀରେ ଅନୁବାଦ କରିବା ସହଜ କାର୍ଯ୍ୟ ନଥିଲା । ତାଙ୍କ ଗଠିତ ଦାନାପାଣି ଉପନ୍ୟାସ ନେଇ ଆମ ବଲିଉଡ ଫିଲ୍ମ ଲଣ୍ଡଣ୍ଡି ଦାନାପାଣି ନାମରେ ଫିଲ୍ମ ନିର୍ମାଣ କରିଥିଲା ।

୧୯୪୦ ମସିହାରେ ତାଙ୍କର ପ୍ରଥମ ଉପନ୍ୟାସ ମନ ଗହୀର ତାଷ ପ୍ରକାଶିତ ହୋଇଥିଲା । ତା'ପରେ ୧୯୪୪ରେ ଦାଦିବୁଢ଼ା, ୧୯୪୫ରେ ପରଜା, ୧୯୪୭ରେ ଅମୃତର ସନ୍ଧାନ (କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ), ୧୯୪୮ରେ ହରିଜନ, ୧୯୫୦ରେ ଶରଦଦାଦୁଙ୍କ ଗଳି, ୧୯୫୩ରେ ରାହୁର ଛାୟା, ୧୯୫୪ରେ ଭୂଇପତ୍ର ଓ ସପନ ମାଟି, ୧୯୫୫ରେ ଦାନାପାଣି ଓ ଶିବଗଳା, ୧୯୬୧ରେ ଅପଘଟ ଭଳି ଉପନ୍ୟାସ ପ୍ରକାଶିତ ହୋଇଥିଲା । ସେଇଭଳି ଗଳ୍ପଗୁଡ଼ିକ ମଧ୍ୟରେ ୧୯୫୧ରେ ଘାସର ଫୁଲ ଓ ପୋଡ଼ା କପାଳ, ୧୯୫୨ରେ ନବବଧୂ, ୧୯୫୬ରେ ଛାଲ ଆଲୁଅ, ୧୯୬୭ରେ ଗୁପ୍ତଗଙ୍ଗା, ୧୯୬୮ରେ ନାଁ ମନେ ନାହିଁ, ୧୯୭୧ରେ ଉତ୍ତରା ଖଳ ପ୍ରମୁଖ ପ୍ରଧାନ । ୧୯୫୫ ମସିହାରେ ଭାରତର ପ୍ରଥମ ଉପନ୍ୟାସ ଭାବରେ ତାଙ୍କର ଅମୃତର ସନ୍ଧାନ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲା । ସେ ମାଲ୍ୟିମ୍ ଗରୁଳି ପାଇଁ ୧୯୭୦ରେ ସୋଭିଏତ୍ ଲାଣ୍ଡ ନେହେରୁ ପୁରସ୍କାର ପାଇବାକୁ ହକ୍‌ଦାର ହୋଇଥିଲେ । ଜଗତ୍‌ଷଣ୍ଟଙ୍କ ଲିଖିତ ରାଖାଲ ବଇଁ ଖୁର ଆଣ୍ଡ ପିଅକୁ ମଧ୍ୟ ଓଡ଼ିଆରେ ପଦ୍ମ ଭୂଷଣ ଉପାଧି ମିଳିଥିବା ବେଳେ ୧୯୬୪ ମସିହାରେ ଚରିତ ଉପନ୍ୟାସ ମାଟି ମଟାଳ ପାଇଁ ୧୯୭୩ ମସିହାରେ ତାଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଥିଲା । ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଡିଲିଟ୍ ଡିଗ୍ରୀ ହାସଲ କରିଥିଲେ । ଯୁକ୍ତିସି ବିଶ୍ୱବିଦ୍ୟାଳୟ ଅନୁବାଦ ଆୟୋଗ ଦ୍ୱାରା ଓଡ଼ିଆରେ ଉଚ୍ଚନାତ୍ମକ ଲେଖନ ଶୈଳୀ ପାଇଁ ରାଜତ ସରକାରଙ୍କ ଠାରୁ ୧୯୭୯ରେ ଫେଲୋସିପ୍ ପାଇଥିଲେ । ବିଶେଷଜ୍ଞଙ୍କ ଗୋପୀନାଥଙ୍କ ରଚନାରେ ସାଧାରଣ ମଣିଷର କଥାକୁହା ଭାଷା ଓ ବୃଷ୍ଣାବଳୀକୁ ଦେଖି ଅନୁବାଦ କରିଛୁଏ । ଗ୍ରାମୀଣ ଜୀବନର ବାସ୍ତବ ରୂପ ତଥା ଆଦିବାସୀଙ୍କ ଜୀବନ କାହାଣୀକୁ ନେଇ ସେ ଲେଖୁଥିଲେ ଉପନ୍ୟାସ । ନିଜ କଳ୍ପନାରେ ସେ ଆଙ୍କି ପାଉଥିଲେ ଅନେକ ବାସ୍ତବତାର ଚିତ୍ର । ଅଦ୍ୱିତୀୟ ଥିଲା ତାଙ୍କ ଗଦ୍ୟ ଶୈଳୀ । ସେ କହୁଥିଲେ କଳ୍ପନାଶାଳତା ଜୀବନକୁ ଏକ ଶକ୍ତିଶାଳୀ ଛବିରେ ପରିବର୍ତ୍ତନ କରିଦିବ । ତାଙ୍କ ଉପନ୍ୟାସରେ ଚିତ୍ରିତ ହୋଇଥିବା ମାନବ ଅସ୍ତିତ୍ୱର ବହୁ ଭୂପରେଖାକୁ ସେ ପ୍ରାଥମିକତା ଦେଇଥାନ୍ତି । ଆଜି ତାଙ୍କର ଏହି ଜନ୍ମ ତିଥି ଅବସରରେ ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ।

ନିବେଦିତା-ସମ୍ପାଦିକା, ଆଭଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଭୂଦଭାଷ : ୯୯୩୭୧୭୭୮୧୦

ଆଉ ଦିଶୁନାହିଁ ଆକାଶରେ ତାରା

॥ ମନସିଜ୍ ଦାସ ॥

'ସେହି ଜୁନା ଜୁନା ତାରା ଫୁଲ ଆଜି, ଏ ଝୁମି ଝୁମି ଗଲା ହାଏ ଆଜି...' ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଏହି କାଳଜୟୀ ଗୀତକୁ ଗାଇଥିଲେ ଭାରତର ଜୋକିଳକଣ୍ଠୀ ଗାୟିକା ଲତା ମଙ୍ଗେସକର । ଏହି ଗୀତରେ 'ତାରା'ର ପ୍ରିୟତା, ଗ୍ରହଣୀୟତା ଓ ଆମ ଆଦରପଣ ଜଡ଼ିତ ଥିଲା । ମୋ ଆଲେଖ୍ୟରେ ଏହି ଗୀତଟିର ପ୍ରଥମ ଧାଡ଼ି ଏଇଥିପାଇଁ ମୁଁ ଉଲ୍ଲେଖ କରୁଛି କି ଯେ, ଆପଣ ଟିକେ ଭଲ ଭାବେ ଆକାଶକୁ ଚାହାଁନ୍ତୁତ ! ଦେଖିବେ ଅଧିକାଂଶ ଭାରତୀୟ ସହରରେ ପ୍ରଶସ୍ତ ଆକାଶରେ ଆଉ ତାରା ଦୃଷ୍ଟିମାନ ହେଉନାହିଁ । ହୁଏତ କେହି କେହି କହି ପାରନ୍ତି ଯେ, ପ୍ରଚଣ୍ଡ ମୋଗମାରା କିମ୍ବା ପ୍ରକୃତିର କୌଣସି କାରଣ ପାଇଁ ଏପରି ଅକସ୍ମାତ ଦୃଶ୍ୟ ସଂଗଠିତ ହୋଇଥାଇପାରେ । କିନ୍ତୁ ଏଭଳି ଉତର ମୁଁ ଆପଣଙ୍କ ପାଖରେ ଯାହା ରଖିବି ତାହା ଅତ୍ୟନ୍ତ ବିସ୍ମୟ ସୂଚକ ଓ ଆଶ୍ଚର୍ଯ୍ୟ କରିଦେଲା ଭଳି । ଏକଦା ଆକାଶରେ ନିରନ୍ତର ଦୃଶ୍ୟମାନ ଅବା ଆମର ନିକଟତର ଛାୟାପଥ 'ଆକାଶ ଗଙ୍ଗା' । ବିଶ୍ୱର ପ୍ରାୟ ଅଶୀଭାଗ ଜନସଂଖ୍ୟା ପାଇଁ ଏବେ ଅଦୃଶ୍ୟ । ସତରେ କହିଲେ ଆକାଶରେ କାହିଁକି ତାରାମାନେ ଫୁଲ ଫୁଟିବା ପରି ଆଉ ରାତ୍ରି ସମୟରେ ପ୍ରସ୍ଫୁଟିତ ହୋଇ ସେମାନଙ୍କ ଉଜ୍ଜ୍ୱଳ ବଳମାନ କରୁନାହାଁନ୍ତି । ଏହାର କାରଣ ଗୁଡ଼ିକ ଆଦୌ ରହସ୍ୟମୟ ନୁହେଁ । ଏହାର କାରଣ ପଛରେ ଆମ୍ଭେମାନେ ହିଁ ଦାୟୀ । ଆଲୋକଜନିତ ପ୍ରଦୂଷଣ, କୃତ୍ରିମ ଆଲୋକର ମାତ୍ରାଧିକ ବ୍ୟବହାର ରାତ୍ରି ଆକାଶ ସ୍ଥିତ ମାନବତାର ସଂଯୋଗକୁ ଏକ ପ୍ରକାର ଛିଣ୍ଡାଇ ଦେଇଛି । ଆଜିର ସମୟରେ ଲୁପ୍ତପ୍ରାୟ ବିଭିନ୍ନ ନକ୍ଷତ୍ର ଓ ଗ୍ରହ ମାନଙ୍କର ସ୍ଥିତି ଅନୁଧ୍ୟାନ ପାଇଁ ବିଶ୍ୱର ଜ୍ୟୋତିର୍ବିଜ୍ଞାନୀମାନେ ରଚିତ ସ୍ଥାନ ଖୋଜିବାରେ ସଂଘର୍ଷ କରିବା ସହ ରାତ୍ରି ଆକାଶରୁ ତାରା ଗୁଡ଼ିକ ଅଦୃଶ୍ୟ ହେବା ବିଷୟରେ ଗଭୀର ଭାବେ ଚିନ୍ତା ପ୍ରକଟ କରୁଛନ୍ତି ଏବଂ ଏ ନେଇ ସେମାନଙ୍କ ଗବେଷଣା ମଧ୍ୟ ଜାରି ରହିଛି ।

ଆମେ କହିବଲୁଣ୍ଡ କି ଯେ, ଆଲୋକ ପ୍ରଦୂଷଣ ଧୂଳିଆଁପରି ଶ୍ୱାସପ୍ରଶ୍ୱାସ କରେ ନାହିଁ କି ଅଳିଆ ପରି ଦୁର୍ଗନ୍ଧ ସୃଷ୍ଟି କରିନଥାଏ ମାତ୍ର ଏହା ଆମର ଆକାଶକୁ ଏକ ଉଜ୍ଜ୍ୱଳ ପରଦାରେ ଚମତ୍କାର ଭାବେ ଢ଼ାଙ୍କି ଦେଇଥାଏ । ଜ୍ୟୋତିର୍ବିଜ୍ଞାନୀମାନେ ଏହି ନିଷ୍ପତ୍ତିରେ ପହଞ୍ଚିଛନ୍ତି ଯେ ତମାମ ବିଶ୍ୱର ଅଶୀ ପ୍ରତିଶତ ସ୍ଥାନ ଏବେ ଆଲୋକ ପ୍ରଦୂଷଣ ଦ୍ୱାରା କବଳିତ ଏବଂ ଆମେ ଖାନ ନ ହେଇ ଏକ ପ୍ରକାର ଆମର ପ୍ରିୟ ଆକାଶକୁ ହରାଇ ବେଉଛୁ । ଏହା ପଛର କାରଣ ମଧ୍ୟ ଅତ୍ୟନ୍ତ ଗମ୍ଭୀର । ଭାରତୀୟ ଚାଳକଙ୍କ ଭଳା ସହର ମାନଙ୍କରେ ଭଳ ତାତ୍ତ୍ୱରା ବିଶିଷ୍ଟ ଏଲଇଡ଼ି ଓ ଅନିୟନ୍ତ୍ରିତ ଆଲୋକର ପ୍ରାଚଳନ ଯୋଗୁଁ ଏହି ସମସ୍ୟା ତୀବ୍ର ହୋଇଚାଲିଛି । ଏକଥା ଆମେ ଭୁଲିଯିବା ଅନୁଚିତ ଯେ ରାତିରେ ତାରା ଭଲେଇ ଯିବା ପରିବେଶ ଓ ମାନବ ସ୍ୱାସ୍ଥ୍ୟକୁ ବିପର୍ଯ୍ୟସ୍ତ କରେ । ଭୌଗୋଳିକ ବିଜ୍ଞାନୀ ଓ ପରିବେଶବିତ୍ ମାନେ ମଧ୍ୟ ମତ ଦେଉଛି ଯେ ତାତ୍ତ୍ୱରି ପରି ରାତ୍ରିରର ପ୍ରାଣୀ ସମେତ ଦିନିକ୍ ପତଙ୍ଗ, ସମୁଦ୍ର ଜଳିଛି ଏବଂ କିଛି ପ୍ରଜାତୀ ପକ୍ଷୀ ଦିଗ ନିର୍ଣ୍ଣୟ, ଶିକାର ଓ ପ୍ରଜନନ ପାଇଁ ଅନ୍ଧାର ଉପରେ ନିର୍ଭର କରିଥାନ୍ତି । ମାନ୍ତାଧିକ ମନୁଷ୍ୟକୃତ ବିଦ୍ୟୁତ ଆଲୋକ ରାଶି ସେମାନଙ୍କୁ କେବଳ ବିଘ୍ନସ୍ତ କରିନଥାଏ ସେମାନଙ୍କ ପ୍ରଜନନ ପାଇଁ ବାଧକ ସାଜିକା ସହ ସେମାନଙ୍କୁ ମୃତ୍ୟୁ ମୁହଁକୁ ଏକ ପ୍ରକାର ଠେଲି ଦେଉଥାଏ । ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏହି କୃତ୍ରିମ ଆଲୋକ ଆମ ମାନଙ୍କର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ ହେଉଥିବା ନିଦ୍ରା ଓ ହରମୋନକୁ ନିୟନ୍ତ୍ରଣ କରୁଥିବା ଆଭ୍ୟନ୍ତରୀଣ ଘଂଟାରେ ବାଧା ଉତ୍ପନ୍ନକ ଅନିଦ୍ରା, ଚାପ, ମୁଣ୍ଡ ବିନ୍ଧା ଏବଂ ଏପରିକି ମେଟାବୋଲିକ ବିକାର ପରି ରୋଗ ବଢ଼ାଉଛି । ମାନବିକ ରୋଗ ବିଶେଷଜ୍ଞ ମଧ୍ୟ ଏହାର ବିପଦଜନକ ବିଗପ୍ରତି ସୂଚାଣ କରୁଛନ୍ତି । ପୃଥିବୀ ପରିକ୍ରମା କରୁଥିବା କୃତ୍ରିମ ଉପଗ୍ରହ ବୃଦ୍ଧିକର ଦ୍ରୁତ ବୃଦ୍

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୦ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସିନାପାଲିରେ ମେଗା ରକ୍ତଦାନ ଶିବିର: ୭୫ ଜଣଙ୍କ ସ୍ୱଇଚ୍ଛାମୂଳକ ରକ୍ତଦାନ

ସିନାପାଲି, ୧୯/୦୪(ଆ.ପ୍ର) : ସିନାପାଲି ଶିକ୍ଷା ବିଭାଗର ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଦିନ ଏକ ମେଗା ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୭୫ ଜଣ ସ୍ୱଇଚ୍ଛାରେ ରକ୍ତଦାନ କରିଥିବା ଜଣାପଡ଼ିଛି । ଏହି ଶିବିରରେ ନୂଆପାଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ ଓ ରକ୍ତଦାତାଙ୍କୁ ସ୍ୱଇଚ୍ଛାରେ ରକ୍ତଦାନ କରିବାକୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ କର୍ମୀ ଓଡାମ (ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସିନାପାଲି), ଲଳିତ ସୁନାନୀ (ପ୍ରଧାନ ଶିକ୍ଷକ ପିଏମ୍ ଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିନାପାଲି), ଦୃଷ୍ଟି ଶ୍ରୀମନ ସାହୁ (ଚିକିତ୍ସା ଅଧିକାରୀ, ସିଏଚସି ସିନାପାଲି), ପ୍ରତୀପ କୁମାର ପଣ୍ଡା (ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ), ଉଦାହରନାଥ ଯୋଶୀ (ସମ୍ପାଦକ, ଓଷା) ଓ ପ୍ରସନ୍ନ ମାଝୀ (ସରାପତି, ଶିକ୍ଷକ ସଂଘ) ଉପସ୍ଥିତ ଥିଲେ । ଶିବିରର ସଭାପତିତ୍ୱ ଜିତେନ୍ଦ୍ର କୁମାର ସେଠ (ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିନାପାଲି) କରିଥିଲେ । ଉକ୍ତ ସଂଗ୍ରହ କାର୍ଯ୍ୟ ଡିଏଏଚ ବ୍ଲଡ୍ ବ୍ୟାଙ୍କ, ନୂଆପାଡା ଦ୍ୱାରା କରାଯାଇଥିଲା ଏବଂ ସିଏଚସି ସିନାପାଲିର ଚିକିତ୍ସକ ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଏଥିରେ ଡ଼ଃ ନମିଶ ସା (ଏମଓ, ସିଏଚସି ସିନାପାଲି), କିରଣ ସିଂହ ଧରୁଆ (ଏଏଟି ସିଏଚସି ସିନାପାଲି), ଘନଶ୍ୟାମ ପ୍ରଧାନ (ଏଏଟି, ଡିଏଚଏଚ ନୂଆପାଡା), ଲିଙ୍ଗରାଜ ବାସ, ହେଡ଼ୁରାମ ହଂସ (ଡିଏଚଏଚ ନୂଆପାଡା), ଜୟନ୍ତ ସାହୁ ଓ ମୋଟି ବଣ୍ଡସେନା ମୁଖ୍ୟ ଭୂମିକା ନିଭାଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମହେନ୍ଦ୍ର ବାଗ, ଚାଲାକୀ ସୁନାନୀ, ଦୁର୍ଯ୍ୟୋଧନ ମାଝୀ, ଦଂଶୀଧର ଜଗତ, ପ୍ରତୀପ କୁମାର ନାୟକ, ରାଧେଶ୍ୟାମ ସୁନାନୀ, ଦେବେନ୍ଦ୍ରମ ମେହେର, ବୈଷବ ମେହେର, ଗୌତମ ମେହେର, କ୍ଷଣଦୁଇର ମେହେର, ଚନ୍ଦ୍ରଶେଖର କୁମାର ମେହେର, ସନ୍ତୁର୍ଜ୍ୟ ମେହେର, ପ୍ରେମାନନ୍ଦ ମେହେର, ଝରଣା ସାଗର ବୁଢ଼ିଆ, ପଙ୍କଜିନୀ ଡାଣ୍ଡି, ଜୟଶ୍ରୀ ସ୍ୱାଇଁ, ସୁରଭି ପଣ୍ଡା, ସତ୍ୟକୁପା ଯୋଶୀ, ସରୋଜିନୀ ମେହେର ଓ ବେଳମତି ଧରୁଆ ଓ ଅନ୍ୟମାନେ ସକ୍ରିୟ ସହଯୋଗ କରିଥିଲେ । ଶିବିରରେ ବହୁ ସଂଖ୍ୟକ ସ୍ୱଇଚ୍ଛାସେବୀ ରକ୍ତଦାନ କରିଥିବାରୁ କାର୍ଯ୍ୟକ୍ରମଟି ସଫଳ ହୋଇଥିବା ଜଣାପଡ଼ିଛି ।

ଖୋର୍ଦ୍ଧା ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେବାରୁ ଅପ୍ରେଲ ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି

ଖୋର୍ଦ୍ଧା, ୧୯/୦୪(ଆ.ପ୍ର) : ଖୋର୍ଦ୍ଧା ଜିଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମିତ୍ର ଉରୁଲାଲ ଜିଲ୍ଲାର ସମସ୍ତ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଥିବା ଦେଖି ଆସନ୍ତା କାଲି ତା ୨୦.୦୪.୨୦୨୬ ରିଖ ଠାରୁ ତା୨୩.୦୪ ୨୦୨୬ରିଖ ପର୍ଯ୍ୟନ୍ତ ଶିଶୁ ବାଡିକା ଓ ବିଦ୍ୟାଳୟରେ ପଢୁଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ଛୁଟି ଘୋଷଣା କରିଛନ୍ତି । ଏହି ତାରି ଦିନ ଛୁଟି ଘୋଷଣାରେ ସମସ୍ତ ଶିଶୁବାଡିକା ରେ ପଢୁଥିବା ଶିଶୁ ଅର୍ଥାତ୍ ଶିଶୁ ବାଡିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ, ଅର୍ଦ୍ଧ ସରକାରୀ ଓ ସମସ୍ତ ବେସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଲାଗୁ ହେବ । ଫଂଗମ ଏବଂ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ଅନୁପୂରକ ପରୀକ୍ଷା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ନିୟମାନୁସାରେ ଚାଲୁ ରହିବ । ବିଦ୍ୟାଳୟ ମୁଖ୍ୟ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମିତ୍ତ ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳ, ଓଆରଏସ ପ୍ୟାକେଟ, ପ୍ରାଥମିକ ଚିକିତ୍ସା ସେବା, ଉତମ ବିଶୁଦ୍ଧ ବାୟୁ ବଜାବଳ କକ୍ଷ ସୁବିଧା ଉପଲବ୍ଧତ ବ୍ୟବସ୍ଥା କରିବେ । ବିଦ୍ୟାଳୟରେ ମନାରେଖା, ପ୍ରଶାସନିକ କାର୍ଯ୍ୟ, ସେବସସ୍ କାର୍ଯ୍ୟ ଯଥାବିଧି ଚାଲୁରହିବ । ଜିଲ୍ଲା ପ୍ରଶାସନ ତରଫରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଖୋର୍ଦ୍ଧା ପକ୍ଷରୁ ଏହା ଜଣାଇ ଦିଆଗଲା ।

ଅଗ୍ନିଶମ ବିଭାଗ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମକ ଡ୍ରିଲ୍ ଅନୁଷ୍ଠିତ

ଜି.ଉଦୟଗିରି,୧୯/୦୪(ଆ.ପ୍ର) : ଜାତୀୟ ଅଗ୍ନିସେବା ସପ୍ତାହ ପାଳନ ଅବସରରେ ଜି.ଉଦୟଗିରି ଅଗ୍ନିଶମ ବିଭାଗ ପକ୍ଷରୁ ଜି.ଉଦୟଗିରି ଓ ଡ୍ରେଗିଂଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ମକ ଡ୍ରିଲ୍ ଅନୁଷ୍ଠିତ ହୋଇଛି । ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ସନ୍ତୋଷ କୁମାର ଦାସ, ଶିବରାମ ବିଶ୍ୱାଳ, ସବିର ବେହେରା, ସୀତାରାମ ସ୍ୱାଇଁ, ଶୁଭକାନ୍ତ ବେହେରା, ସତ୍ୟ ରଞ୍ଜନ ବେହେରା ଓ ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ରହି ନିଆଁ ଲାଗିଲେ କିପରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟ ମାନଙ୍କୁ ସୁରକ୍ଷା ଦିଆଯିବ ସେ ଉପରେ ବିଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ଲୋକଙ୍କୁ ସଚେତନ କରାଇଥିଲେ । ଗ୍ୟାସ, ବିଦ୍ୟୁତ ଦ୍ୱାରା ନିଆଁ ଲାଗିଲେ କିପରି ନିଆଁକୁ ଆୟତ କରାଯାଇ ପାରିବ ସେ ଉପରେ ସୂଚନା ପ୍ରଦାନ କରିଥିଲେ । ଲୋକ ମାନେ ଜରୁରୀ ସେବା ଆବଶ୍ୟକ ପଡ଼ିଲେ ୧୧୨କୁ ଯୋଗାଯୋଗ କରିବା ସହ, ପ୍ରତ୍ୟେକ ସମୟରେ ଅଗ୍ନିଶମ ବାହିନୀକୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନ । ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ରତିକାନ୍ତ ସାହୁଙ୍କ ସହ ଅଶୋକ କୁମାର ପଣ୍ଡା, ବୀନା ରାଣୀ ନାୟକ, ବଳରାମ ପ୍ରଧାନ, ଶ୍ରୀନିବାସ ପାତ୍ର, ବନିତା ତ୍ରିପାଠୀ, ଶ୍ରୀନିବାସ ଚୌଧୁରୀ,ସୂର୍ଯ୍ୟ କାନ୍ତ ପଣ୍ଡା, ସୁଲାଷିଣ୍ଡ ଶତପଥୀ, ରାଜେଶ୍ୱ ମଙ୍ଗଚ ଓ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ବେଲଘର ଦନ୍ତାହାତୀ ମୃତ୍ୟୁ ଘଟଣା ବନଖଣ୍ଡ ଅଧିକାରୀଙ୍କ ସାମ୍ବାଦିକ ସମ୍ମିଳନୀ



ବାଲିଗୁଡା, ୧୯/୦୪(ଆ.ପ୍ର) : ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଂଚଳ ଜିରିପାଣୀ ସେକସନର ସିମିନିପରର ଜଙ୍ଗଲରେ ଗତ ୧୭ ତାରିଖ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା । ଏଘାକୁ ନେଇବାଲିଗୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ ବାଲିଗୁଡା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ହାତୀ କିପରି ମରିଛି ତାର ସୂଚନା ଦେଇଛନ୍ତି । ମୃତ ହାତୀଟି ପଡୋଶି ଜିଲ୍ଲା କଳାହାଣ୍ଡି ନର୍ଥ ଜଙ୍ଗଲରୁ ଗତ ୧୩ ତାରିଖ ଦିନ ବେଲଘର ଜଙ୍ଗଲକୁ ଆସିଥିଲା ହାତୀଟି ଅସୁସ୍ଥ ଥିଲା ଓ ଗତ ୭ ତାରିଖରୁ କଳାହାଣ୍ଡି ଜିଲ୍ଲା ବନ ବିଭାଗ ଦ୍ୱାରା ଚିକିତ୍ସାଧିନ ଅବସ୍ଥାରେ ଥିଲା । ହାତୀର ପାଟିରେ ଘା ହୋଇଯାଇଥିଲା । ଆମ ବେଲଘର ଜଙ୍ଗଲକୁ ଆସିବା ପରେ ଆମ ବିଭାଗ କର୍ମଚାରୀ ସହ ଦୃଢୁତିବନ୍ଧ ପ୍ରାଣି ଚିକିତ୍ସା ବିଭାଗର ଡିଏଏସ, ଭ୍ରାମ୍ୟମାଣ ପ୍ରାଣି ଚିକିତ୍ସା କର୍ମଚାରୀ ଓ ବେଲଘର ଡିଏଏସ ମିଳିତ ଭାବେ ଗତ ୧୫ ତାରିଖରୁ ହାତୀଟିର ଚିକିତ୍ସା କରୁଥିଲୁ । କିନ୍ତୁ ହାତୀଟି ଛିଣ୍ଡି ଗାଉନଥିଲା କି ପିଇନଥିଲା । ଯାହାଫଳରେ ସେ ହାତୀଟି ଗତ ୧୭ ତାରିଖରେ ମୃତ୍ୟୁ ବରଣ କରିଛି । ଗତକାଲି ହାତୀର ଶବବ୍ୟବଚ୍ଛେଦ କରାଯାଇଛି । ହାତୀର ଶରୀର ଭିତର ଅଙ୍ଗ ନଷ୍ଟ ହୋଇଯାଇଥିଲା । ବାଲିଗୁଡା ବନାଂଚଳ ଅଧିକାରୀ ଟି ସୁବାଶ ଉପସ୍ଥିତ ଥିଲେ ।

ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ବିବିଧ ପ୍ରତିଯୋଗିତା

ଜଗତସିଂହପୁର, ୧୯/୦୪(ଆ.ପ୍ର) : ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ ତମ ଜୟନ୍ତୀ ଅବସରରେ ସ୍ଥାନୀୟ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ହାଇସ୍କୁଲ ସ୍ତରୀୟ ବିବିଧ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଥିଲା । ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ସୁଗ୍ମ ସମ୍ପାଦକ ଅଧ୍ୟାପକ ଶାନ୍ତନୁ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଯୋଗଦେଇ ବକ୍ତୃତା, ସଂଗୀତ ଓ ଅଙ୍କନ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ବକ୍ତୃତାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ, ଶିକ୍ଷାବିତ ରୋଜିତ କୁମାର ବିଶ୍ୱାଳ, ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ପତି, ସଂଗୀତରେ ବଦ୍ରି ନାରାୟଣ ମହାନ୍ତି, ବୃତିରଞ୍ଜନ ଲାଉଡ, ତୁଳସୀ ପ୍ରସାଦ ମହାପାତ୍ର ଓ ଅଭିନୟରେ ସୁଶାନ୍ତ ଦାସ, ଅରୁଣ ଲାଉଡରାୟ ଓ ନରେଶ ଦାସ ଯୋଗଦେଥିଲେ । ତେବେ ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନେ ହେଲେ ବକ୍ତୃତାରେ ଉତ୍କିପ୍ରସାଦ ପତିତା ପ୍ରଥମ, ସ୍ୱାତୀ ସାହୁ ଦ୍ୱିତୀୟ ଓ ସୁସ୍ମିତା ପଣ୍ଡା ତୃତୀୟ ହୋଇଥିବା ବେଳେ ସଂଗୀତରେ ରୋହିଣୀ ମହାନ୍ତି ପ୍ରଥମ, ଆଶ୍ରୁଷା ଲେଙ୍କା ଦ୍ୱିତୀୟ ଓ ସ୍ୱପ୍ନନା ସାହୁ ତୃତୀୟ ହୋଇଥିବା ବେଳେ ଅଭିନୟରେ ସୁଶ୍ରୀ ମାଇତିକା ସ୍ୱାଇଁ ପ୍ରଥମ, ଆଦ୍ୟାଶା ଲାଉଡ ଦ୍ୱିତୀୟ ଓ ସୁସ୍ମିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତେବେ କୃତୀ ପ୍ରତିଯୋଗୀ ମାନଙ୍କୁ ଆସନ୍ତା ମାଲ ମାସ ୧୦ ତାରିଖରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ହେବାକୁ ଥିବା ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୬ ତମ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ । ଉକ୍ତ ପ୍ରତିଯୋଗିତାର ପରିଚାଳନାରେ ପରିଷଦର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ସଂଗଠନ ସମ୍ପାଦକ ବିଜନ ମହାପାତ୍ର, ବରିଷ୍ଠ ସଭ୍ୟ ଗୋବିନ୍ଦ ଓଝା, ଲୋକାଧ୍ୟକ୍ଷ ରବି ମହାନ୍ତି, ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ, ଶିକ୍ଷକ ପବିତ୍ର ମୋହନ ବେହେରା ଓ ଗୋବିନ୍ଦ ପ୍ରସାଦ ନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ, କର୍ଣ୍ଣଆଲ୍ ପ୍ରତିରୋପଣ କରି ଇତିହାସରେ ଯୋଡିଛି ଆଉ ଏକ ନୂତନ ଅଧ୍ୟାୟ

ରାଉରକେଲା, ୧୯/୦୪(ଆ.ପ୍ର) : ଆଂଚଳିକ ସ୍ୱାସ୍ଥ୍ୟସେବାରେ ଏକ ଯୁଗାନ୍ତକାରୀ ଉନ୍ନତି ସୂଚୂପ ସେଲ୍ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଇସ୍ପାତ ଜେନେରାଲ୍ ହସ୍ପିଟାଲ (ଆଇଜିଏଚ), ମାନବ ଅଙ୍ଗ ପ୍ରତିରୋପଣ ଆଇନର ସମ୍ପୂର୍ଣ୍ଣ ଅନୁପାଳନ କରି ସଫଳତାର ସହିତ କର୍ଣ୍ଣଆଲ୍ ପ୍ରତିରୋପଣ ଆରମ୍ଭ କରିଛି । ଏହି ସଫଳତାର ମାଇଲଖୁଣ୍ଟ ସ୍ୱରୂପ ବଣ୍ଡୁ ବିଜ୍ଞାନରେ ଆଇଜିଏଚ ବର୍ତ୍ତିତ ବିଶେଷଜ୍ଞତା ଏବଂ କର୍ଣ୍ଣଆଲ୍ ଅନ୍ଧତ୍ୱ ମୁକାବିଲା ଦିଗରେ ଏହାର ରଣନୀତାକୁ ଆହୁରି ସୁଦୃଢ କରିବାରେ ସକ୍ଷମ ହୋଇଛି । ଉଲ୍ଲେଖନୀୟ ଯେ, 'ଇଷ୍ଟାର ଦୃଷ୍ଟିଦାନ' ବଣ୍ଡୁ ବ୍ୟାଙ୍କ ଗତ ୨୦୧୪ ଅପ୍ରେଲଠାରୁ ଏଯାବତ ଆଇଜିଏଚରେ କାର୍ଯ୍ୟକ୍ରମ ହେଉଅଛି । ହସ୍ପିଟାଲ୍ କର୍ଣ୍ଣଆଲ୍ ପୁନରୁଦ୍ଧାର କାର୍ଯ୍ୟକ୍ରମ (ଏଚସିଆରପି)ର ଏକ ଅଂଶ ଭାବେ ବଣ୍ଡୁ ବ୍ୟାଙ୍କ କର୍ଣ୍ଣଆଲ ଦାନ ଗ୍ରହଣ କରି ପ୍ରତିରୋପଣ ପାଇଁ ଲୁଚନେଷ୍ଟାଲକୁ ପଠାଉଥିଲା । କିନ୍ତୁ, ଏବେ ଆଇଜିଏଚ ଓଡ଼ିଶାର ବିଜିସା ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟରୁ 'ମାନବ ଅଙ୍ଗ ପ୍ରତିରୋପଣ ଆଇନ ୧୯୯୪' ଅଧୀନରେ କର୍ଣ୍ଣଆଲ୍ ପ୍ରତିରୋପଣ ନିମନ୍ତେ ପଞ୍ଜିକରଣ ପାଇଁ ସ୍ୱୀକୃତି ପାଇଛି । ତେଣୁ, ସମ୍ପ୍ରତି ଦୁଇ ଜଣ ସ୍ଥାନୀୟ ବାସିନ୍ଦାଙ୍କ ଉପରେ କର୍ଣ୍ଣଆ ପ୍ରତିରୋପଣ କରାଯାଇଥିଲା, ଯେଉଁମାନେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ଏକ ସାଧାରଣ ଜଟିଳତା - ସ୍ୟୁଡୋଫାକିକ୍ ବୁଲସ୍ କେରାଟୋପାଥି ଯୋଗୁଁ ଅତି ଦୟନୀୟ ଭାବେ ଦୃଷ୍ଟିଶକ୍ତି ହରାଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଥମ ଅସ୍ତ୍ରୋପଚାର ଗତ ଅପ୍ରେଲ ୭ ତାରିଖରେ ହୋଇଥିବା ଏବଂ ଦ୍ୱିତୀୟଟି ଅପ୍ରେଲ ୧୬ ତାରିଖରେ ସମ୍ପନ୍ନ ହୋଇଥିଲା, ଉଭୟ ଅସ୍ତ୍ରୋପଚାର ଜଳୁଷ ପଜାଫକ ପ୍ରଦାନ କରିଥିଲା ଏବଂ ରୋଗୀମାନେ ପୂର୍ବାପେକ୍ଷା ସେମାନେ ଉନ୍ନତ ଦୃଷ୍ଟି ଶକ୍ତି ଫେରି ପାଇ ଥିଲେ । ଏଥିରେ କର୍ଣ୍ଣଆ ଏବଂ ପାଇକୋ ସର୍ଜନ ଏବଂ ବଣ୍ଡୁ ବିଜ୍ଞାନର ମୁଖ୍ୟ ପଗାମଣ୍ଡଦାତା ଡକ୍ଟର ଅନିମା ଟିଗା, ଉଭୟ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ । ତାଙ୍କୁ ଏକ ଦକ୍ଷ ବହୁବିଧ ଦଳ ଦ୍ୱାରା ସମର୍ଥନ କରାଯାଇଥିଲା ଯେଉଁଥିରେ ବାନ୍ତର ଦେବା ହେମ୍ବ୍ରାମ ଓ ଶିକ୍ଷର ନମିତା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ଅସ୍ତ୍ରୋପଚାରଗୁଡ଼ିକ ଅନ୍ତର୍ଜାତୀୟ ମାନଦଣ୍ଡ ପାଳନ କରାଯାଇଥିଲା । କ୍ଷତିଗ୍ରସ୍ତ କର୍ଣ୍ଣଆ ଟିସୁକୁ ସୁସ୍ଥ ଦାତା ଗ୍ରାଫ୍ଟ ସହିତ ବଦଳାଇବା ପାଇଁ ଉନ୍ନତ କୌଶଳ ନିୟୋଜିତ କରାଯାଇଥିଲା, ଯାହା ସଠିକତା ଏବଂ ସର୍ବନିମ୍ନ ଆରୋଗ୍ୟ ସମୟକୁ ସୁନିଶ୍ଚିତ କରିଥିଲା । ଏହି ସଫଳତା, ଆଇଜିଏଚ ଅନ୍ଧତ୍ୱ ଏବଂ ଦୃଷ୍ଟି ଅକ୍ଷମତା ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ ପରି ଜାତୀୟ ପଦକ୍ଷେପ ସହିତ ସମନ୍ୱୟ ରକ୍ଷି ଏହାର ଚଷୁ ଯତ୍ନ ସୁବିଧାଗୁଡ଼ିକୁ ବିସ୍ତାର କରିବାକୁ ପ୍ରସ୍ତୁତ ଅଛି ।

ଭାରସାମ୍ୟ ହରାଇ ଓଲଟିଲା ମାଛ ବୋଝେଇ ଅଟୋ

ବାଲିଗୁଡା, ୧୯/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ମୁସୁକୁଲି ସ୍ଥିତ ଏକ ବୁଲାଣି ନିକଟରେ ମାଛ ବୋଝେଇ ହୋଇଥିବା ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଦୁର୍ଘଟଣା ଘଟିଛି । ଘଟଣାରୁ ପ୍ରକାଶ ଯେ, ବାଲିଗୁଡାରୁ ଅଟୋ ଯୋଗେ ବାରଖମାକୁ ମାଛ ନେଇ ଯାଉଥିବା ସମୟରେ ରାଜ୍ୟ ରାଜପଥ ୪୧ ନମ୍ବର ରାସ୍ତାର ମୁସୁକୁଲି ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ଯାଇଥିଲା । ଦୁର୍ଘଟଣାରେ ଅଟୋ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ମାଛ ଗୁଡିକ କ୍ଷତି ଘଟିଥିବା ଜଣାପଡିଛି ।

ଧାମନଗରରେ ପୋଲିସର ମଧ୍ୟରାତ୍ରି ବିଭିନ୍ନ ସ୍ଥାନରେ ଚଢ଼ାଉ, ୧୬ ଗୋରୁ ଉଦ୍ଧାର

ଧାମନଗର, ୧୯/୦୪(ଆ.ପ୍ର) : ଧାମନଗର ସହର ଓ ଏହାର ଆଖପାଖ ଅଂଚଳରେ ଚାଲିଥିବା ବେଆଇନ ଗୋ-ଚାଲାଣ ଏବଂ ଗୋ-ମାଂସ କାରବାର ଉପରେ ପୋଲିସ ଏବେ ଶକ୍ତ ପ୍ରହାର କରିଛି । ଗତ ଗୁରୁବାର ଦିନମିତ ରାତିରେ ଧାମନଗର ଥାନା ଅଧିକାରୀ ସୁଜିତ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଥାନା ନିଜତପ୍ତ କୋଡେଶି ମହଲା ଓ ହବିବି ନଗର ଆଦି ଅଂଚଳରେ ଚଢ଼ାଉ କରି ୧୬ ଟି ଗୋରୁଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ଦୁଇ ଦିନ ତଳେ ଧାମନଗର ଅଂଚଳରୁ ଏକ କାରରେ 'ପ୍ରେସ୍' ଲେଖାଥିବା ଷ୍ଟିକର ଲଗାଇ ପ୍ରାୟ ୫ କୁଇଂଟାଲ ଗୋ-ମାଂସ ବୋଝାରେ ଉତ୍ତରକୁ ଚାଲାଣ ହେଉଥିଲା । ଉତ୍ତର ପୋଲିସ ଏହାକୁ ଧରିବା ପରେ ଏହି ବେଆଇନ କାରବାରର ଚେର ଧାମନଗର ପର୍ଯ୍ୟନ୍ତ ଲମ୍ବିଥିବା ସ୍ପଷ୍ଟ ହୋଇଥିଲା । ଏହାକୁ ଗମ୍ଭୀରତାର ସହ ନେଇ ଉତ୍ତର ଏସପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ପୋଲିସ ବିଭିନ୍ନ ସ୍ଥାନରେ ତଲାସକୁ ଆରମ୍ଭ କରିଥିଲା । ବେଆଇନ ଭାବେ ଗୋରୁ ବାନ୍ଧି ଉଖାଯାଇଥିବା ଏବଂ ରାତି ଅଧରେ ସେମାନଙ୍କୁ କଟାଯାଉଥିବା ନେଇ ଗୋଇଠା ସୂଚନା ପାଇବା ପରେ, ଥାନା ଅଧିକାରୀ ଶୁଭଜିତ ଦାଶଙ୍କ ସହ ଏସଆଇ ମହେଶ୍ୱର ପ୍ରଧାନ, ନାରାୟଣ ନାୟକ ଏବଂ ଏସିଆର ପୋର୍

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୦ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବିଦ୍ୟାଳୟ ଛାଡ଼ନ୍ତା ତଥା ଅସଦାଚରଣ ନିରାକରଣକୁ ନେଇ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୯/୦୪(ଆ.ପ୍ର) : ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ । ଏହି ଶିଶୁ କିପରି ବିଦ୍ୟାଳୟରେ ପାଠ ପଢି ଭବିଷ୍ୟତରେ ଉତମ ନାଗରିକ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତୋଳନ କରିପାରିବେ ଏହି କଥାକୁ ଚିନ୍ତା କରି ତଥା ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଆଦର୍ଶ ନାଗରିକ କରିବା ଉଦ୍ଦେଶ୍ୟ ନେଇ ସେଙ୍କ ଆନା ଅନ୍ତର୍ଗତ ଲୁଦନୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଜଗବନ୍ଧୁ ପ୍ରଧାନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଦିମଳ ରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଜନ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ କିପରି ମାଁ ଜମାଇବେ ତଥା ଅନ୍ୟ ସାଙ୍ଗସାଥିଙ୍କୁ ବିଦ୍ୟାଳୟରେ ପଢିବା ନିମନ୍ତେ ପ୍ରୋତ୍ସାହିତ କରିବେ ସେ ନେଇ ସଚେତନ କରିବା ସହ ବିଭିନ୍ନ ଆଇନ କାନୁନ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ନିମନ୍ତିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ରାଜପ୍ରାପ୍ତ ଲ୍ୟାଡ଼ର ସମ୍ପତ୍ତିଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ । ପାଗ ଜିଲାଲ ଲଲୁଂଟର ଶ୍ରୀଶ୍ରୀରେଖା ବିଶେଷାୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଛି ।

ଆଜିଠୁ ୪ ଦିନ ପର୍ଯ୍ୟନ୍ତ ସ୍କୁଲ ଛୁଟି

ଦଣ୍ଡପଲୁ, ୧୯/୦୪(ଆ.ପ୍ର) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଦଣ୍ଡପଲୁ ସମେତ ନୟାଗଡ଼ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଚାରି ଦିନ ଛୁଟି ଘୋଷଣା କରାଯାଇଛି । ୨୦ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିବେ ମଧ୍ୟ ନମ ଲେଖା ପ୍ରକ୍ରିୟା, ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ଏବଂ ଜନଗଣନା କାର୍ଯ୍ୟ ଯଥାରୀତି ଜାରି ରହିବ କୋରି ବିରାଗୀୟ ପତ୍ର ସଂଖ୍ୟା ୨୭୯୦ ତା ୧୯/୦୪/୨୦୨୬ ଗିଖରୁ ଜଣାପଡିଛି ।

ସୁନୀଲ କାନ୍ତ ମହାନ୍ତି ଗଜପତିର ଭାରପ୍ରାପ୍ତ ଏସ୍‌ପି ଦାୟୀତ୍ୱ ନେଲେ

ପାରଳାଖେମୁଣ୍ଡି, ୧୯/୦୪(ଆ.ପ୍ର) : ଗଜପତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପାଣ୍ଡା ଗତ ମାର୍ଚ୍ଚ ୩୧ ତାରିଖରେ ଅବସର ନେଲାପରେ ବୁଧୁପୁର ଡ.ଅରୁଣ ବିଦେହ ଆରକ୍ଷୀ ଅଧୀକ୍ଷକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଭାବରେ ଅତିରିକ୍ତ ଦାୟିତ୍ୱ ବହନ କରିଥିଲେ । ବର୍ତମାନ ସେ ପଶ୍ଚିମବଙ୍ଗ ନିର୍ବାଚନରେ ଆଇନଶୃଙ୍ଖଳା ଦାୟିତ୍ୱରେ ନିୟୋଜିତ ହେବା ଫଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଭାବେ ଅଧୀକ୍ଷକ ଡ.ସରଜନ ବିଦେହଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ବିଜେପି ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୯/୦୪(ଆ.ପ୍ର) : ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାର୍ଟିର ସାଂଗଠନିକ ଦୃଷ୍ଟିକୋଣରୁ ବୁଥ୍ କମିଟି ଠାରୁ ଆରମ୍ଭ କରି ମଣ୍ଡଳ କମିଟି ଓ ଜିଲ୍ଲା କମିଟି ପର୍ଯ୍ୟନ୍ତ ବିସ୍ତୃତ ଆଲୋଚନା କରାଯାଇଥିଲା । ପାର୍ଟୀ ପ୍ରତିଷ୍ଠା ଦିବାସ, ଆମ୍ବେଡକର ଜୟନ୍ତୀ ଏବଂ ବିଶେଷ ଭାବେ ସଂପ୍ରତି ଚାଲୁ ରହିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ସମୀକ୍ଷା କରାଯାଇଥିଲା । ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ପ୍ରାୟ ସଫଳତାର ସହ ସମାପ୍ତ ହୋଇସାରିଛି ଏବଂ ବର୍ତମାନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ଆସନ୍ତା ମେ ୧ ତାରିଖରୁ ମାସ ଶେଷ ସୁଦ୍ଧା ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ରାଜ୍ୟ ସାଧାରଣ ସଂପାଦକ ବିଶ୍ୱଂଟି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି । ବୈଠକ ସଂପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଲାଭଦାୟକ ଜନତା ପାର୍ଟିର ନିର୍ବାଚିତ ସମସ୍ତ ବ୍ୟବଧାନରେ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥାଏ । ସେ ଦୃଷ୍ଟିରୁ ଆଜି ପାର୍ଟିର ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାରୀ ପରିଚାଳକ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ । ସଙ୍ଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ସଫଳତାରେ ପାଇଁ ବିସ୍ତୃତ ଆଲୋଚନା ହୋଇଛି । ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ସଫଳତାରେ ପାଇଁ ମଧ୍ୟ ଆଲୋଚନା ହୋଇଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ଖରାଦିନେ ଜମୁଛି ତାଳସଜ ବେପାର

ନିମାପଡା, ୧୯/୦୪(ଆ.ପ୍ର) : ଖରାଦିନ ଆସିଲେ ମନେ ପଡ଼ିଯାଏ ତାଳସଜର କଥା । ଏହା ପାଟିକୁ ସୁସ୍ୱାଦ ଲାଗୁଥିବା ବେଳେ ଏହାର ଶୀତଳ, ମଧୁର ପାଣି ପେଟକୁ ଥଣ୍ଡା କରିଥାଏ । ତାଳସଜର ଖାଇବାକୁ ପିଲାଠୁ ବୁଢ଼ା ସମସ୍ତଙ୍କ ଆଗ୍ରହ ରହିଥାଏ । ଏହା ସବୁ ସମୟରେ ବି ମିଳି ନଥାଏ । ଏହା ଋତୁ ଅନୁସାରେ ମିଳୁଥିବାରୁ ଏଇଜନ୍ୟରହିଦାରେ ରହିଥାଏ । ଏବେ ଏହି ତାଳ ସଜ ବିକ୍ରୀ କରି କିଛି ବ୍ୟକ୍ତି ନିଜ ପରିବାର ବି ପ୍ରତିପୋଷଣ କରି ପାରୁଛନ୍ତି । ନିମାପଡା- କାଳଟପୁର ମୁଖ୍ୟ ରାସ୍ତାର ପାଶିହତ୍ର, ବୁଢ଼ସୀପୁର, ଚାରିଛକ, ଅମରେଶ୍ୱର, ନୟାହାଟ, ଜଗନ୍ନାଥପୁର ପ୍ରଭୃତି ସ୍ଥାନରେ ତାଳ ସଜ ବେପାର ଜମିବାରେ ଲାଗିଛି । ତାହାଡ଼ା ବ୍ୟବସାୟ କରୁଥିବା ବୁଢ଼ସୀପୁର ଗ୍ରାମର ଜଣେ ତାଳ ବ୍ୟବସାୟୀ କୁଡ଼ରି ସଜାକୁ ଘଠି ଦିଭିନ୍ନ ସ୍ଥାନକୁ ଯାଇ ତାଳ ଗଛ ଚଢ଼ି ତାଳ ତୋଳି ସାଇକେଲ, ଗାଡ଼ି, ଅଟୋ ଯୋଗେ ଆଣୁଛି । ତାପରେ ତାଳ କାଟି ସଜକୁ ଲୋକମାନଙ୍କୁ ପ୍ରଦାନ କରୁଛି । ଗଛ ତାଳ ସଜ କିଣି ନେଉଥିବା ଦେଖିବାକୁ ମିଳୁଛି । ତାଳ ସଜକାଟି, ବିକ୍ରୀ କରି କିଛି ବ୍ୟକ୍ତି ନିଜ ପରିବାର ବି ପ୍ରତିପୋଷଣ କରୁଛନ୍ତି । ନିମାପଡା- କାଳଟପୁର ମୁଖ୍ୟ ରାସ୍ତାର ପାଶିହତ୍ର, ବୁଢ଼ସୀପୁର, ଚାରିଛକ, ଅମରେଶ୍ୱର, ନୟାହାଟ, ଜଗନ୍ନାଥପୁର ପ୍ରଭୃତି ସ୍ଥାନରେ ତାଳ ସଜ ବେପାର ଜମିବାରେ ଲାଗିଛି । ତାହାଡ଼ା ବ୍ୟବସାୟ କରୁଥିବା ବୁଢ଼ସୀପୁର ଗ୍ରାମର ଜଣେ ତାଳ ବ୍ୟବସାୟୀ କୁଡ଼ରି ସଜାକୁ ଘଠି ଦିଭିନ୍ନ ସ୍ଥାନକୁ ଯାଇ ତାଳ ଗଛ ଚଢ଼ି ତାଳ ତୋଳି ସାଇକେଲ, ଗାଡ଼ି, ଅଟୋ ଯୋଗେ ଆଣୁଛି । ତାପରେ ତାଳ କାଟି ସଜକୁ ଲୋକମାନଙ୍କୁ ପ୍ରଦାନ କରୁଛି । ଗଛ ଗୋଟାକୁ ୫ରୁ ୭ ଟଙ୍କା ରେ ବିକ୍ରି ହେଉଛି । ଏବେ ଆଉ ପୂର୍ବପରି ସେତେ ତାଳ ଗଛ ନାହିଁ । ତେଣୁ ଦିନକୁ ଦିନ ତାଳ ଆଉ ସଜ କମିବାରେ ଲାଗିଛି । ଅତୀତରେ ନିଜ ବାଡିରେ ଲୋକମାନେ ନଡ଼ିଆ, ତାଳ ଗଛ ଲଗାଇଥିଲେ । ଗଛ ପୁରୁଣା ହୋଇଗଲେ ଗୃହ ନିର୍ମାଣରେ ଲାଗିବା ସହିତ ଗଛର ପତ୍ର ଓ ଅନ୍ୟାନ୍ୟ ଜିନିଷ ଜାଳ ଓ ଅନ୍ୟ ସାମଗ୍ରୀ ନିର୍ମାଣ କାର୍ଯ୍ୟରେ ଲାଗୁ ଥିଲା । ଖରାଦିନେ ତାଳ ସଜ ଓ ଦର୍ଷା ଦିନେ ପାଟିଲା ତାଳ ଖାଇବାକୁ ମିଳୁଥିଲା । ପାଟିଲା ତାଳ ରସରୁ ଜିଞ୍ଜି ପରିବାର ପୋଡ଼ିପିଠା ତିଆରି ମଧ୍ୟ କରୁଥିଲେ । ତାଳ ଗଛ ଡେଙ୍ଗା ହୋଇଥିବାରୁ ଏଣୁଳିକ ଘର, ମଣିଷ, ଜୀବଜନ୍ତୁ ମାନଙ୍କୁ ବଜ୍ରପାତରୁ ବି ରକ୍ଷା କରୁଥିଲା ବୋଲି ଲୁହନି ପରିବେଶବିତ୍ ତ୍ରିଲୋଚନ ମିଶ୍ର । ସେ ଯାହା ହେଉ ଏବେ ତାଳସଜ କିଛି ପରିବାର ପାଇଁ ଜୀବିକା ପାଲଟିଛି ।

ଜି ଉଦୟଗିରିରୁ କଟକ ଯାଏଁ ଯାତ୍ରୀବାହୀ ବସ ଆରମ୍ଭ ହେଲା



ଜି.ଉଦୟଗିରି, ୧୯/୦୪(ଆ.ପ୍ର) : ଜି.ଉଦୟଗିରିରୁ ମା' ବରାହଦେବୀ ନାମକ ଏକ ଯାତ୍ରୀବାହୀ ବସ ଭୁବନେଶ୍ୱର ହୋଇ କଟକ ଅଭିମୁଖେ ଯାତାୟତ ନିମନ୍ତେ ରବିବାର ଶୁଭାରମ୍ଭ ହୋଇଛି । ଯାହା ଦ୍ୱାରା ଦ୍ରେଷୀଙ୍ଗଆ, ଗଡଗୁଡ଼ା, କର୍ଣ୍ଣଝର, ଟିକାବାଲିରୁ ଯାତ୍ରୀ ମାନେ ବହୁ ସୁବିଧା ପାଇପାରିବେ । ଅନ୍ୟ ଏକ ବସ୍ କଟକରୁ ଭୁବନେଶ୍ୱର ହୋଇ ଜି.ଉଦୟଗିରି ଆସିବ ବୋଲି ସୂଚନା ଦେଇଛନ୍ତି ଗାଡ଼ି ମାଲିକ ମାନସ ରଞ୍ଜନ ପ୍ରଧାନ । ଏହି ଉଦଘାଟନ ସମୟରେ ବ୍ୟବସାୟୀ ସଂଘ ସଭାପତି ସମୀର କୁମାର ପାଢ଼ା, ମିଡିଆ କ୍ଲବ ସଭାପତି ଅରୁଣ କୁମାର ଶତପଥୀ, ନଗର ବିଜେଡି ସଭାପତି ଅନିଲ କୁମାର ଦଳବେହେରା, ବଳରାମ ତ୍ରିପାଠୀ, ରାଜେଶ୍ୱ ପାଣିଗ୍ରାହୀ ମିଡିଆ କ୍ଲବ ସମ୍ପାଦକ ବିନୁୟ ସେଠୀ, ବିନୋଦାନନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ମନ ପାତ୍ର,ଜିତେନ୍ଦ୍ର ନାଥ ସାହୁ, ହିମାଂଶୁ ସ୍ୱାଇଁ,ନୀଳ ମାଧବ ପତି, ସନ୍ତୋଷ ସାହୁ, ଜିତୁ ସାହୁ, ଆକାଶ ନାୟକଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

ଗଣମାଧ୍ୟମ ପ୍ରତିନିଧିଙ୍କ ଭିତରକନିକା ଓ ବଳଦେବଜୀଉ ମନ୍ଦିର ପରିଦର୍ଶନ



ଖଣ୍ଡପଡା, ୧୯/୦୪(ଆ.ପ୍ର) : ଖଣ୍ଡପଡା, କଂଟିଲୋ, ରାଘୁଲ ଓ ବୋଲଗଡ ବ୍ଲକ ଅଂଚଳରେ କାର୍ଯ୍ୟରତ ଛାପା, ଦୈନ୍ୟିକ ଓ ସାମାଜିକ ଗଣମାଧ୍ୟମର ୪୧ ଜଣ ପ୍ରତିନିଧି କେନ୍ଦ୍ରାପଡା ଜିଲ୍ଲାର ରାଜନଗର ବ୍ଲକ ଅଧୀନ ଭିତରକନିକା ଓ କେନ୍ଦ୍ରାପଡା ସହରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଗତିବାର ପରିଦର୍ଶନ କରିଥିବା ଜଣାଯାଇଛି । ଗ୍ରୀଷ୍ମକାଳୀନ ପରିଭ୍ରମଣ ଅବସରରେ ଗଣମାଧ୍ୟମର ପ୍ରତିନିଧିଗଣ ଭିତରକନିକାରେ ବୋଟିଂର ମଜା ନେବା ସହ କୁମ୍ଭୀର ପ୍ରଜନନ କେନ୍ଦ୍ର ଓ ସଂଗ୍ରହାଳୟ ପରିଦର୍ଶନ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ସବିଶେଷ ଜ୍ଞାନ ଆହରଣ କରିଥିବା ଜଣାଯାଇଛି । ଭିତରକନିକାର ପ୍ରାକୃତିକ ପରିବେଶ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ବେଶ ଆକୃଷ୍ଟ କରିଥିଲା । ପରେ ସଂଖ୍ୟାରେ କେନ୍ଦ୍ରାପଡା ସହରର ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଗଣମାଧ୍ୟମର ପ୍ରତିନିଧିମାନେ ଯାଇ ବିଗ୍ରହଙ୍କୁ ଦର୍ଶନ କରିଥିଲେ ।

ଜିଲ୍ଲା ଟିପ୍ପର ଓ ଟ୍ରକ ମାଲିକ ସଂଘର ଚକା ବନ୍ଦ ଆନ୍ଦୋଳନ

ଇନ୍ଦ୍ରଜ, ୧୯/୦୪(ଆ.ପ୍ର) : ଧାମରା ପୋର୍ଟ କୋଇଲା ପରିବହନ ରେ ଶତାଧିକ ଗାଡ଼ି ମାଲିକ ମାନଙ୍କର ନ୍ୟାର୍ଯ୍ୟ ହକ୍ ଦାସଲ କରିବା ପାଇଁ ଇନ୍ଦ୍ରଜ ଜିଲ୍ଲା ଟିପର ଓ ଟ୍ରକ ମାଲିକ ସଂଘ ଗତ ୨୦୨୫ ମସିହା ହକ୍ତମ୍ବର ମାସ ଠାରୁ ଲଗାତାର ଆନ୍ଦୋଳନ କରି ଆସୁ ଅଛି । ଗତ ଫେବ୍ରୁଆରୀ ୨୭ ତାରିଖ ରେ ଲେଜ ଗୋଲ୍ କରିବା ସମୟରେ ଇନ୍ଦ୍ରକର ଉପ - ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ର ପଦାଧିକାରୀ ଗଣ ନେଇଥିବା ୧୫ ଦିନ ସମୟ ମଧ୍ୟ ରେ କୌଣସି ସମାଧାନ କରି ପାରି ନଥିବା ରୁ ଆଜି ଚକା ବନ୍ଦ ଆନ୍ଦୋଳନର ଡାକରା ଦିଆଯାଇ ଅଛି । ଏହା ଅତ୍ୟନ୍ତ ଦୁଃଖର ବିଷୟ ଯେ ଗାଡ଼ି କିଣି ସୁଦି ପାଉ ନଥିବା ଜିଲ୍ଲାର ମୂଳ ଅଧିବାସୀ ମାନଙ୍କୁ କୋଇଲା ପରିବହନରେ ଅନ୍ୟାୟ ଭାବେ ସୁଯୋଗ ଦିଆ ଯାଉ ନଥିବା ବେଳେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ମାନେ ପଶ୍ଚିମ ବଙ୍ଗ ଓ ତେଲେଙ୍ଗାନା ଭଳି ରାଜ୍ୟରୁ ଗାଡ଼ି ଆଣି ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି । ଗାଡ଼ି ମାଲିକ ମାନଙ୍କ ଜୀବନ ଜୀବିକା ସହିତ ଜଡିତ ଏହି ସମ୍ବେଦନଶିଳ ପ୍ରସଙ୍ଗଟିରେ ଜିଲ୍ଲା ପ୍ରଶାସନ ଦୃଢ଼ିତ ପଦକ୍ଷେପ ନ ନିଏ ତାହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବାର ଚେତାବନି ଜିଲ୍ଲା ଟିପର ଓ ଟ୍ରକ ମାଲିକ ସଂଘ ପକ୍ଷରୁ ଦିଆଯାଇଛି । ସୂଚନା ଆଉ କି ଯେ ଧାମରା ବନ୍ଦରରୁ ପରିବହନ କରାଯାଉଥିବା ଶହ ଶହ ଟ୍ରିପ କୋଇଲା ର ପ୍ରାୟେ ୭୦ ଲାଖ କେବଳ ଧାମରା ସ୍ଥିତ ୬ ସଂଚାୟତ ର ଗାଡ଼ି ମାଲିକ ମାନେ ଜୋର୍ ଜବରଦସ୍ତ ଭାବେ କାମ କରୁଛନ୍ତି ଏବଂ ତନ୍ଦୁଆ ଘୁ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ମାନେ ସର୍ବାଧିକ ଅଟନ୍ତି । ଅନିର୍ଦ୍ଦିଷ୍ଟ କାଳ ପାଇଁ ଟିଙ୍ଗୁଡ଼ିପୁର୍ ପାଖେ ଆହୁତ ହୋଇଥିବା ଏହି ଚକ ବନ୍ଦ ଆନ୍ଦୋଳନରେ ଜିଲ୍ଲା ଟିପ୍ପର ଓ ଟ୍ରକ ମାଲିକ ସଂଘର ସଭାପତି ଶୁଭେନ୍ଦୁ ରାୟ ମୋହାପାତ୍ର, ଉପ ସଭାପତି ପ୍ରଫୁଲ୍ଲ ପୁଷ୍ଟୀ, ସଧାରଣ ସମ୍ପାଦକ ଜ୍ୟୋତି ପ୍ରକାଶ ମହାନ୍ତି, ସହ ସମ୍ପାଦକ ଚନ୍ଦନ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପରିଜା, ରଜତ ପତି, ରାମ୍ନା ବାରିକ, ତାଜଧିଜ ବେହୁରା, ଅଶୋକ ବାରିକ, ବଳରାମ ପରିଡ଼ା, ଶୈଳ୍ ରୋଜାଣ୍ଡାଲ୍ ମୁଣ୍ଡାଫା, ପ୍ରଶାନ୍ତ ବାରିକ, ସୁଭାସ ମାଝି, ଲଙ୍କରରୁ ବାରିକ, ପ୍ରଦୀପ ମାଲିକ, ରାୟାଜ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

ଦୀପଶିଖା ମିଶ୍ର କେନ୍ଦ୍ରୀୟ ବିଦ୍ୟାଳୟର ଟପର



କଟକ ଦିଶା ଇପ୍ରେସ, ୧୯/୦୪(ଆ.ପ୍ର) :କଟକ ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଦୀପଶିଖା ମିଶ୍ର ଚଳିତ ବର୍ଷ ସିବିଏସଇ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଟପର ହୋଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦୀପଶିଖା ୯୭.୩ପ୍ରତିଶତ ନମ୍ବର ରଖି ଏହି କୃତିତ୍ୱ ହାସଲ କରିଛନ୍ତି । ଅଭଣାହାଟ ମାଇସ୍କୁଲର ଶିକ୍ଷାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଏବଂ ସରକାରୀ ବାଜିକା ବିଦ୍ୟାଳୟର ଶିକ୍ଷାନ ଶିକ୍ଷୟିତ୍ରୀ ସମ୍ବିତା ଶତପଥୀଙ୍କର ସେ କନିଷ୍ଠା ଜନ୍ୟା ଅଟନ୍ତି । ଦୀପଶିଖାଙ୍କର ଏହି ସଫଳତା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ, ଆତ୍ମୀୟସ୍ୱଜନ, ବନ୍ଧୁ, ପରିବାରବର୍ଗ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତ ଜୀବନ ପାଇଁ ପ୍ରେରଣଶ୍ରୟ ହେବ ଉଚ୍ଚାଶିତ କରିଛନ୍ତି

ସେଂଟ୍ରିଙ୍ଗ ବଲା କାଠ ବୋଝେଇ ଟ୍ରାକ୍ଟର ସହ ଦୁଇ ଗିରଫ

ବାଲିଗୁଡ଼ା, ୧୯/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବନ ବିଭାଗକୁ ମିଳିଛି ଆଉ ଏକ ସଫଳତା, ପଟା ବୋଝେଇ ମିଳି ଟ୍ରକ ଜବତକୁ ଦୁଇ ଦିନ ନ ପୁରୁଣ୍ଣୁ ପୁଣି ସାରଙ୍ଗ ଚକ୍ ବେଷ୍ଟନ କୁଦୁବୁଦି ଫଂଚାୟତର ସାଗଳେଡା ଛକରେ କ.ନୂଆଗାଁ ବନବିଭାଗ ପେଟ୍ରୋଲିଂ ବେଳେ ୧୦୨ ଟି ସେଂଟ୍ରିଙ୍ଗ ବଲା ବୋଝେଇ ଟ୍ରାକ୍ଟର ଜବତ କରି ଦୁଇ ଜଣଙ୍କୁ ଗିରଫ କରିଛି । ଏହି ପେଟ୍ରୋଲିଂ ଦଳରେ କ.ନୂଆଗାଁ ବନାଂଚଳ ଅଧିକାରୀ ରମାକାନ୍ତି କର୍ଣ୍ଣଙ୍କ ନେତୃତ୍ୱରେ ସାରଙ୍ଗଗଡ଼ ବନପାଳ ଅରୁଣ କୁମାର ଦାସ ଓ କ.ନୂଆଗାଁ ବନପାଳ ଶୁଶାନ୍ତ କୁମାର ଦେବୀଶୀଷୀ ଉକ୍ତ ବଲା ବୋଝେଇ ଟ୍ରାକ୍ଟର ନଂ ଓଡ଼ି ୧୨ ଏ ୨୨୪୮/ ୨୨୪୯କୁ ଜବତ କରି ଆଣିଥିଲେ । ଉକ୍ତ ଟ୍ରାକ୍ଟର ଯାଂଚ କରି ଶାଳ ବଲା ୧୦୨ ଟି ଜବତ କରିବା ସହିତ ବେଆଇନ ଲାଠ ପରିବହନ କରୁଥିବା ଡ୍ରାଇଭର ମିର୍ଜିନ ନାୟକ ଓ ଜନେଶ୍ୱର ବେହର୍ଦ୍ଦାନାଙ୍କୁ ଗିରଫ କରିଥିଲେ । ଏଇକୁ ନେଇ ବନାଂଚଳ ରେଞ୍ଜ ନଂ. ଓଆର ୦୪/୨୬ ରୁଜୁ କରିବା ସହିତ ଓଡ଼ିଶା - ଜଙ୍ଗଲ ଅଧିନୀୟମ ୧୯୬୨ର ୫୬ ଧାରା ୫ – ୧୯୮୦ ର ୫ଟି ଏବଂ ଆଇପିସି ୪,୧୨,୧୪୮ ପ୍ରକାରେ କୋର୍ଟ ଚାଲାଣ କରାଯାଇଛି । ଏହି ଜବତ କାର୍ଯ୍ୟରେ ବନପାଳ ସନ୍ତୋଷ କୁମାର ସେନାପତି, ବନରକ୍ଷ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୦ ଅପ୍ରେଲ, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୭

ଶିକାର ପାଇଁ ଡାକି ନେଇ ନାବାଳକ ସାଙ୍ଗକୁ ଗୁଳି କରି ହତ୍ୟା ଅଭିଯୋଗ, ଦୁଇଟି ଦେଶୀ ବନ୍ଧୁକ ଜବତ

ବାଲିଗୁଡା, ୧୯/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଥାନା ଲାଇନପଡା ପାଣ୍ଡି ଅଧୀନ କୁସୁମେଣ୍ଡି ପଂଚାୟତର ବୁଡ଼େଣୀ ଗ୍ରାମରେ ଏକ ଅକାଦନୀୟ ଘଟଣା ଘଟିଯାଇଛି । ଶିକାର କରିବାକୁ ଜଙ୍ଗଲକୁ ଡାକି ନେଇ ଜଣେ ୧୬ ବର୍ଷର ନାବାଳକକୁ ଗୁଳି କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ମାଧବ କର୍ଜଣକ ପୁତ୍ର ବିଲୁଟି କର୍ଜଣ (୧୬) । ସୂଚନା ଅନୁସାରେ, ଗତ ୧୮ ତାରିଖ ରାତି ପ୍ରାୟ ୯ଟା ସମୟରେ ବିଲୁଟି ନିଜ ପରିବାର ସହ ଖାଇସାରି ଶୋଇବାକୁ ପ୍ରସ୍ତୁତ ହେଉଥିଲେ । ଏହି ସମୟରେ ଗ୍ରାମର ପ୍ରତାପ କର୍ଜଣ (୩୦) ଓ ସୁମନ ଦିଙ୍କାଣି (୨୫) ବୁଢିଟି ଦେଶୀ ବନ୍ଧୁକ ଧରି ବିଲୁଟିଙ୍କ ପାଖରେ ପହଂଚିଥିଲେ । ଗାଁ ନିକଟସ୍ଥ 'ଲାମୁଟି' ଜଙ୍ଗଲକୁ କୁଟୁରା ଶିକାର ପାଇଁ ଯିବାକୁ ସେମାନେ ବିଲୁଟିଙ୍କୁ ଡାକିଥିଲେ । ବିଲୁଟିଙ୍କ ବାପା ବାଗୟାଲ ମନା କରିବା ସତ୍ତ୍ୱେ ସେ ସାଙ୍ଗମାନଙ୍କ ସହ ଜଙ୍ଗଲକୁ ଯାଇଥିଲେ । ପଲୁ ଯିବାର ପ୍ରାୟ ଅଧଘଂଟା ପରେ ଜଙ୍ଗଲ ମଝିରୁ ଗୁଳି ଫୁଟିବାର ଶବ୍ଦ ଶୁଣାଯାଇଥିଲା । ଏହାର କିଛି ସମୟ ପରେ ଅଭିଯୁକ୍ତ ପ୍ରତାପ କର୍ଜଣ ବିଲୁଟିଙ୍କ ଘରକୁ ଆସି 'ମୋ ବନ୍ଧୁକରୁ ଗୁଳି ବାଜି ତୁମ ପୁଅ ମରିଗଲା' ବୋଲି କହିଥିଲେ । ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ରକ୍ତ ଛୁଛୁଦୁଛୁ ଅବସ୍ଥାରେ ବିଲୁଟିଙ୍କ ଶବ ପାଇଥିଲେ । ଏହି ସମୟରେ ଅଭିଯୁକ୍ତ ପ୍ରତାପ ସେଠାରୁ ଫେରାର ହୋଇଯାଇଥିଲେ । ଖବର ପାଇ ଟିକାବାଲି ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ଶବ ଜବତ କରିଥିଲା । ମୃତକଙ୍କ ବାପା ମାଧବ କର୍ଜଣଙ୍କ ଲିଖିତ ଅଭିଯୋଗ କ୍ରମେ ଟିକାବାଲି ଥାନାରେ କେସ୍ ନମ୍ବର ୮୬/୨୬ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ ଅନ୍ୟତମ ସହଯୋଗୀ ସୁମନ ଦିଙ୍କାଣିକୁ ଅଟକ ରଖି ପଚରାଉଚରା କରିବା ସହ ଘଟଣାରେ ବ୍ୟବହୃତ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବୌଦ୍ଧ ଜିଲ୍ଲାରୁ ଏକ ସାଇଂଟିଫିକ ଟିମ୍ ପହଂଚି ବିଲୁଟିଙ୍କ ବିରାରୁ ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଛି । ଶବ ବ୍ୟବଚ୍ଛେଦ ପାଇଁ ଫୁଲଡାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଟିକାବାଲି ଥାନା ଅଧିକାରୀ ସମୀର କୁମାର ବେହେରାଙ୍କ ସୂଚନା ଅନୁସାରେ, ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ପୋଲିସ ପାଟ୍ରୋଲିଂ ବେଳେ କାଠ ପଟା ବୋଝେଇ ମିନି ଟ୍ରକ ଜବତ, ୩ ଜଣ ଗିରଫ

ବାଲିଗୁଡା, ୧୯/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଅଧିକାରୀ ଆଶୁତୋଷ ଜେନାଙ୍କ ସହ ପୋଲିସ ଦଳ ବାଗିଙ୍ଗିବାଡ଼ି ଛକରେ ପେଟ୍ରୋଲିଂ ବେଳେ କାଠ ପଟା ବୋଝେଇ ମିନି ଟ୍ରକ ଜବତ କରି ଜଙ୍ଗଲ ବିରାଗକୁ ହସ୍ତାନ୍ତର କରିଥିଲେ । ପରେ ଏହାକୁ କ.ନୂଆଗାଁ ବନାଂଚଳ ପକ୍ଷରୁ ବନାଂଚଳ ଅଧିକାରୀ ରମାକାନ୍ତ କର୍ଜଣଙ୍କ ନେତୃତ୍ୱରେ କ.ନୂଆଗାଁ ବନପାଳ ଶୁଶାନ୍ତ କୁମାର ବେଶିଖୀଆ ଉକ୍ତ ପଟା ବୋଝେଇ ୨୦୭ ପିକଅପ ଗାଡି ନଂ.ଓଡ଼ି ୦୨ ସିପି ୭୬୨୭ ମିନି ଟ୍ରକକୁ ନିଜ ଅଧୀନକୁ ଆଣିଥିଲେ । ଉକ୍ତ ମିନି ଟ୍ରକକୁ ଯାଂଚ କରି ଶାଳ ପଟା ୧୫ ଟି, ପିଆଣାଳ ପଟା ୨୫ ଟି ଓ ଶାଳ ସାଲଡ ୪୪ ଟି ମୋଟ ୮୪ ଟି କାଠ ପଟା ଜବତ କରିବା ସହିତ ବେଆଇନ କାଠ ପଟା ପରିବହନ କରୁଥିବା ଡ୍ରାଇଭର ରାଇକିଆ ଆନା ଅନ୍ତର୍ଗତ ସୁଗଡ ବାଡ଼ିର ବିପିନ ପ୍ରଧାନ (୩୪) ଓ ଗୋଗ ଚାଲାଣ କରୁଥିବା କାଠ ମାଫିଆ ରାଇକିଆ ଆନା ସୁଗଡବାଡ଼ିର ବିକୁଲୁ ନାୟକ (୪୩) ଏବଂ ପେଟୋମାଜାର ଦୀପକ କୁମାର ନାୟକ (୫୦) ତିନି ଜଣଙ୍କୁ ଗିରଫ କରିଥିଲେ । ଏହାକୁ ନେଇ ବନାଂଚଳ କେସ ନଂ ଓଆର ୦୩/୨୬ ପ୍ରକାରେ ଏକ ମକଦ୍ଦମା ରୁଜୁ କରିବା ସହିତ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୨ ର ୫୬ ଧାରା ଓ ୧୯୮୦ ର ୦ତି ଏବଂ ଓଏଫପିଟି ୪,୧୨,୧୪ ପ୍ରକାରେ କୋର୍ଟ ଚାଲାଣ କରାଯାଇଛି । ଏହି ମିନି ଟ୍ରକଟି ପଟା ବୋଝେଇ କରି କୋଚଗଡ଼ ବନାଂଚଳରୁ ରାଇକିଆ ନେଉଥିବା ବେଳେ ଚାଲାଣକାରିଙ୍କ ଠାରୁ ୧୯୮୦୦ ନଗଦ ଟଙ୍କା ଜବତ କରିଛି । ଏହି ପଟା ଜବତ କାର୍ଯ୍ୟରେ ବନପାଳ ସନ୍ତୋଷ କୁମାର ସେନାପତି, ବନରକ୍ଷୀ ସୁଜାତା ସାହୁ, ମନୋଜ କୁମାର ପ୍ରଧାନ,ମହେଶ ପ୍ରଧାନ ସମେତ ବନ ସୁରକ୍ଷା ସଦସ୍ୟ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

ମହିଳାଙ୍କ ପ୍ରତି ଅସଦାଚରଣ ତଥା ଆକ୍ରମଣ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

ପାରଳାଖେମୁଣ୍ଡି,୧୯/୦୪(ଆ.ପ୍ର) : ଗାଈଗୋରୁଙ୍କୁ ବିଲରୁ ଘରଡାକରା ଜରି ଏକ ସାମାନ୍ୟ ଘଟଣାକୁ ନେଇ ପରବର୍ତ୍ତୀ ସମୟରେ ମହିଳାଙ୍କୁ ଅସଦାଚରଣ ତଥା ଆକ୍ରମଣ କରି ଲଜ୍ଜାଲୁଣ୍ଠନ କରିବା ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବରିଷ୍ଠ ଦେବୁଡି ବିଚାରପତି ତଥା ସହକାରୀ ଦୌରା ଜଜ୍ (ମହିଳା ଅଦାଲତ) ରଶ୍ମିତା ସାହୁ ଭାରତୀୟ ପିନ୍ଦନ କୋଡ଼ର ଧାରା ୩୨୩ (ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ରାୟଗଡ ଥାନା ଅନ୍ତର୍ଗତ ଜଳାଙ୍ଗ ଗ୍ରାମର ସୁରେଶ କୁମାର ଭୂୟାଁ (୪୫ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ଶହ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ସୂଚନାଯୋଗ୍ୟ, ଏହି ମାମଲାର ଅନ୍ୟ ଏକ ଆସାମୀ ରମେଶ କୁମାର ଭୂୟାଁଙ୍କର ଉକ୍ତ ମାମଲା ବିଚାରାଧୀନ ଥିବା ସମୟରେ ମୃତ୍ୟୁ ହୋଇଯାଇଥିବାରୁ ମାମଲାଟି କେବଳ ସୁରେଶ କୁମାର ଭୂୟାଁଙ୍କ ବିରୁଦ୍ଧରେ ଚାଲୁରହିଥିଲା । ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ସଫଳ ପରିଚାଳନା କରିଥିବା ବେଳେ ଜେ. ସମନ୍ତମୁଖ ରାଓ ତାଙ୍କୁ ଏହି ମାମଲାରେ ଯଥାର୍ଥ ସହଯୋଗ କରିଥିବାର ଖବର ଲାଭପ୍ରାପ୍ତ କ୍ୟାଡ଼ର ପଦ୍ମିନୀ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ରାୟଗଡ ଥାନା ଅନ୍ତର୍ଗତ ଜଳାଙ୍ଗ ଗ୍ରାମର ଏତଲାକାରିଣୀ ଚଂଚଳା ଭୂୟାଁ ତା ୨୨-୦୩-୨୦୨୦ରିଖରେ ଦିନ ସଳାଳ ୮ଟା ରୁ ୯ଟା ମଧ୍ୟରେ ଧାନ ବିଲ ଜରିବାକୁ ଯାଇଥିଲେ ଓ ଯେତେବେଳେ ଖାଇବା ନିମନ୍ତେ ଘରକୁ ଆସି ଖାଦ୍ୟ ଜିନିଷ ଧରି ପୁଣି ବିଲକୁ ବାହାରିଥିଲେ, ସେହି ସମୟରେ ଗ୍ରାମର ରମେଶ କୁମାର ଭୂୟାଁ ଓ ସୁରେଶ କୁମାର ଭୂୟାଁ ତାଙ୍କୁ ଅଭଦ୍ର ଭାଷାରେ ଗାଳି କରିବା ସହ ତାଙ୍କ ଗାଈଗୋରୁଙ୍କୁ କାଜିଁକି ବାଡ଼େଇଲେ ବୋଲି ପ୍ରଶ୍ନ କରିବାରୁ ଏତଲାକାରିଣୀ କହିଥିଲେ ଯେ, ଯାହାର ଗାଈଗୋରୁ ଧାନ ଖାଇଥିଲେ , ସେମାନଙ୍କୁ ସେ ଉଚାଇଛନ୍ତି । ଏତିକି କଥାରୁ ରାଗରୋଷ ହୁଇ ଆସାମୀ ତାଙ୍କୁ ବାଣ୍ଡ ଦୁଆରେ ଘୋଷାଡି ନେଇ ଅସଦାଚରଣ କରିବା ସହ ମାଡ଼ ମାରି ଲଜ୍ଜାଲୁଣ୍ଠନ କରିଥିଲେ ତଥା କ୍ଷତାକ୍ତ କରିଥିଲେ । ଏହି ଘଟଣାକୁ ନେଇ ରାୟଗଡ ଥାନାରେ ମାମଲା ନମ୍ବର ୧୭/୨୦ରେ ଏକ ମାମଲା ତା ୨୩-୦୩-୨୦୨୦ରିଖରେ ଏତଲାକାରିଣୀ ରୁଜୁ କରିଥିଲେ ଏବଂ ଏଏସଆଇ ଅଜିତ ମନ୍ୟୁ ପାଣିଗ୍ରାହୀ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ । ୧୦ଜଣ ସାକ୍ଷୀଙ୍କ ବୟାନ ତଥା ଦସ୍ତାବିଜକୁ ଭିତ୍ତି କରି ଆଜି ମାନ୍ୟବର ନ୍ୟାୟାଧୀଶ ଅଭିଯୁକ୍ତଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରି ୫ଶହ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।

ଗୃହ ଗଣନା ଏବଂ ତାଲିକା ପ୍ରସ୍ତୁତି ଆରମ୍ଭ, ସହଯୋଗ ପାଇଁ ଜିଲ୍ଲା ପ୍ରଶାସନର ଆହ୍ୱାନ

ଯାଜପୁର, ୧୯/୦୪(ଆ.ପ୍ର) :ପ୍ରଶାସନ ପକ୍ଷରୁ ୨୦୨୬ ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହିକ୍ରମରେ ଏପ୍ରିଲ ୧୬ ତାରିଖରୁ ସାରା ଦେଶ ସମେତ ଯାଜପୁର ଜିଲ୍ଲାରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଗଣନା ଏପ୍ରିଲ ୧୬ ରୁ ଆରମ୍ଭ ହୋଇ ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନା ଅବଧି ରହିଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ କ୍ଷେତ୍ରୀୟ ସ୍ତରରେ ଗୃହ ଗଣନା ଜରାଯାଇଛି । ପ୍ରତି ତହସିଲ ଏବଂ ସହରାଂଚଳରେ ଏଥିପାଇଁ ଟିମ୍ ନିୟୋଜିତ ହୋଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଗଣନା ପାଇଁ ଆସୁଥିବା କର୍ମଚାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ ଜରାଯାଇଛି । ଏହି ପର୍ଯ୍ୟାୟରେ ଲୋକମାନଙ୍କୁ ମୋଟ ୩୩ଟି ପ୍ରଶ୍ନ ପଚରାଯିବ । ଏଥିରେ ଘରର ଅବସ୍ଥା, ଘରର ମାଲିକାନା, ପରିବାରରେ ରହୁଥିବା ସଦସ୍ୟଙ୍କ ସଂଖ୍ୟା, ପାଣି ଓ ବିଦ୍ୟୁତ ସୁବିଧା, ଶୌଚାଳୟ, ଇଂଟରନେଟ୍ ସୁବିଧା, ଯାତାୟାତ, ମୋଟାଲର ଓ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧୀୟ ୩୩ ଟି ପ୍ରଶ୍ନ ଆଧାରରେ ତଥ୍ୟ ସଂଗ୍ରହ ହେବ । ଏହି ଜନଗଣନା ଏବଂ ଗୃହଗଣନା ତଥ୍ୟ ଆଧାରରେ ଟିମ୍ ସରକାର ଆଗାମୀ ଦିନରେ ଲୋକହିତକର ଏବଂ ଜିଲାଶମୂଳକ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ । ଜିଲ୍ଲାର ସୁପରଭାଇଜର ଏବଂ ଏନୁମେରେଟରମାନେ ଗୃହଗଣନା କାର୍ଯ୍ୟ କରୁଛନ୍ତି ବୋଲି ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ରାଉତ କହିଛନ୍ତି ।

ବାଉଁଶ ବୋଝେଇ ଦୁଇ ପିକଅପ ଗାଡି ଜବତ

ଦଶପଲ୍ଲା, ୧୯/୦୪(ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ତଡ଼ୋୟାପଲ୍ଲୀ ନିକଟସ୍ଥ କଣ୍ଟିପଦର ସ୍ଥିତ ରିଜର୍ଭ ଜଙ୍ଗଲରୁ ଜଗା ହୋଇ ଦୁଇଟି ପିକଅପ ଗାଡ଼ିରେ ବୋଝେଇ ହୋଇ ଆସୁଥିବା ୮୬ ଟି ଜଂଗା ବାଉଁଶ ସହ ବୋଝେଇ କରି ଆଣୁଥିବା ଦୁଇ ପିକଅପ ଗାଡିକୁ ଦଶପଲ୍ଲା ବନ ବିଭାଗ ଜବତ କରିଛନ୍ତି । ଗୋପନୀୟ ସୂତ୍ରରୁ ଖବର ପାଇ ଦଶପଲ୍ଲା ବନାଂଚଳ ଅଧିକାରୀ ଶ୍ରୀନିବାସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ବିଭାଗ ଟିମ୍ ଅଚାର୍ଜ ତତ୍ତାଲ କରି ହନୁମନ୍ତ ଠାରୁ ଏଗରୁ ଜବତ କରିଛନ୍ତି । ଜବତ ବାଉଁଶର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି । ଅନ୍ୟ ପକ୍ଷରେ ଗାଡି ଛାଡି ଚାଳକ ପେଗାର୍ ହୋଇଯାଇଥିବାରୁ ଆଂଚଳିକ ପରିବହନ ଠାରୁ ସବିଶେଷ ତଥ୍ୟ ସଂଗ୍ରହ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବନାଂଚଳ ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

ଶିଶୁଙ୍କ ମାନସିକ ସ୍ଥିତି ଅନୁଧ୍ୟାନରେ ସୁଦୃଢତା ଆଣିବାକୁ ପରାମର୍ଶ

ଭଦ୍ରକ, ୧୯/୦୪(ଆ.ପ୍ର) : ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତା ଖୁଣ୍ଟିଆ ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଶିଶୁ ଅନୁଷ୍ଠାନ, ସେବାଶ୍ରମ ଓ ଶକ୍ତି ସଦନ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ଅଚାନକ ତରଗପରାଣ୍ଡିତ ଅନୁପୂର୍ତ୍ତିତ ଜାତି ଓ ଉପଜାତି ସେବାଶ୍ରମକୁ ଯାଇ ପିଲାମାନଙ୍କ ଉନ୍ନତି ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ସେ ଫେଗୋଲିପିଠ, ଜୁଆସ ଜାତ୍ରାଟି ଗୃହ (ଶକ୍ତି ସଦନ) ସହିତ ଅନ୍ୟାନ୍ୟ ଶିଶୁ ସୁରକ୍ଷା ସଂସ୍ଥାଗୁଡ଼ିକୁ ପରିଦର୍ଶନ କରି ସେଠାକାର ପରିଚାଳନା, ଛାତ୍ରୀଙ୍କ ବ୍ୟବସ୍ଥା, ପୋଷଣ, ଶିକ୍ଷା ଓ ସୁରକ୍ଷା ବ୍ୟବସ୍ଥାକୁ ନିଜଚକୁ ଅନୁଧ୍ୟାନ କରିଥିଲେ । ପରିଦର୍ଶନ ସମୟରେ ଶ୍ରୀମତୀ ଖୁଣ୍ଟିଆ ଶିଶୁମାନଙ୍କ ସହ ସକ୍ଷାତ୍ କରି ସେମାନଙ୍କ ଅନୁଭୂତି, ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ଭାବ ବିନିମୟ କରିଥିଲେ । ବିଶେଷ କରି ଶିଶୁମାନଙ୍କ ମାନସିକ ସ୍ଥିତିର ଅନୁଧ୍ୟାନ ଓ ସେହି ଦିଗରେ ସୁଦୃଢତା ଆଣିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସମ୍ବ ସମୟରେ ଜିଲ୍ଲା ମାଜିଷ୍ଟ୍ରେଟ ଅଧିକାରୀ ସାଲୁ କୁମାର ଟୁଡୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଚୌଦ୍ୱାର ପୌରପାଳିକା ପକ୍ଷରୁ ଡାଇରିଆ ଝାଡ଼ା ରୋଗ ପ୍ରତିରୋଧକ ବ୍ୟବସ୍ଥା

ତାଙ୍ଗୀ ଚୌଦ୍ୱାର, ୧୯/୦୪(ଆ.ପ୍ର) :ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୭ ନମ୍ବର ୱାର୍ଡ ମୁଣ୍ଡମାଳ ଗ୍ରାମ ସ୍ଥିତ ଖଜୁଆ ବାଡିରେ ଡାଇରିଆ ଝାଡ଼ା ରୋଗ ରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାର ଅନେକ ପରିବାର ଅଭିଯୋଗ କରିଛନ୍ତି । ଏହି ଡାଇରିଆ ଝାଡ଼ା ରେ ଆକ୍ରାନ୍ତ ହୋଇ ମେଟିକାଳରେ ଭର୍ତ୍ତି ହୋଇଥିବା ଖବର ପାଇ ସ୍ଥାନୀୟ ପାରିଷଦ ବିଜୁପ ସାହୁ ଏବଂ ଚୌଦ୍ୱାର ପୌରପାଳିକାର ସାନିଟାଇଜେସନ ଲମ୍ବୁପେଡ଼ର ସୁନୀଲ ଦାସ, ସୁପରଭାଇଜର ଲଶ୍ମର ନାୟକ, ସୁପରଭାଇଜର ରଶ୍ମିତା ସାମଲ, ସ୍ୱଚ୍ଛ ସାଥୀ ମମତା ପଣ୍ଡା,ସ୍ୱାସ୍ଥ୍ୟ କର୍ମୀ ଉର୍ମିଳା, ଆସାଦିଦି ଶାନ୍ତିଲତା ବେଜ ଅଙ୍ଗନବାଡି ଦିଦି ଚନ୍ଦ୍ରକଳା ଦେବେରା ଓ ୧୫ ଜଣ ସଫେଇ କର୍ମଚାରୀଙ୍କୁ ନେଇ ଏକ ଟିମ୍ ତୁରନ୍ତ ଘଟଣା ସ୍ଥଳରେ ପହଂଚି ସୁଦ୍ଧଳାଳାଳ ଲିଚିରେ ସହିତ ତତ୍ତ୍ୱାବଧାର୍ଣ୍ଣରେ ପ୍ରତିଟି ଗ୍ରାମକୁ ସାନିଟାଇଜ କରିବା ସହିତ ପ୍ରତିଟି ଘରେ ସଚେତନତା ଅଭିଯାନ ପାଇଁ ସଚେତନତା କରିବା ସହିତ ତୁରନ୍ତ ପାରିଷଦ ବିଜୁପ ସାହୁ ଓ ୭ ନମ୍ବର ୱାର୍ଡ ପାରିଷଦ ଜଳାଖାଣ ସାହୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବ୍ୟକ୍ତିଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଓ ଆଶ୍ୱାସୋକ୍ତି କାମନା କରିଥିଲେ ।

ଓଡିଶା ତେଜସ୍ୱିନି ମହିଳା ସଂଗଠନ, ଭଦ୍ରକ ଆନୁକୂଲ୍ୟରେ ତିହିଡିରେ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ

ଭଦ୍ରକ/ତିହିଡ଼ି, ୧୯/୦୪(ଆ.ପ୍ର) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଦୟାଲ ଭବନରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ତେଜସ୍ୱିନି ମହିଳା ସଂଗଠନ ଆନୁକୂଲ୍ୟରେ ନାରୀ ଶକ୍ତି ବନ୍ଦନ ଅଭିଯାନ କାର୍ଯ୍ୟକ୍ରମ ଜରିବା ଲକ୍ଷରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ମହିଳା ସଂଗଠନର ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଯୋଗଦେଇ ନାରୀଶକ୍ତିର ହେରେ ସମାଜ ସୁଦୃଢ଼ ହୋଇପାରିବ । ନାରୀମାନେ ସ୍ୱାଧୀନତାକୁ ସୀମା ଭିତରେ ରଖି ଉପଭୋଗକରେ ସେହି ସ୍ୱାଧୀନତା ହିଁ ଶ୍ରେଷ୍ଠ ହୋଇପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଡ଼. ରାଧାରାଣୀ ମହାପାତ୍ର ଯୋଗଦେଇ ନାରୀ ଶକ୍ତି ଜାଗ୍ରତହେଲେ ସମାଜ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଉଜ୍ଜିତା ସ୍ୱାଇଁ, ମଙ୍ଗଳପୁର ସରପଂଚ ପୁଷ୍ପାଞ୍ଜଳୀ ଲେଙ୍କା, ଲଙ୍ଗେଶ୍ୱରୀ ମଣ୍ଡଳ ସଭାନେତ୍ରୀ ଅନିତା ରାଉତ ପ୍ରମୁଖ ଯୋଗଦେଇ ନାରୀଶକ୍ତି ବନ୍ଦନ ଅଧିନିୟମ ଅଭିଯାନ କାର୍ଯ୍ୟକ୍ରମ ମୋଦି ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ । ସଂଗଠନର ଉପ ସଭାନେତ୍ରୀ ଡୋଳାର ଖୁଣ୍ଟାର ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ସରପଂ ଝରେଣା ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦିକା ଅଞ୍ଜଳା ମିଶ୍ର ଧନ୍ୟବାଦ ଦେଇଥିଲେ । ପୁଅମେ ରାଜପଡ଼ା ସଂଯୁକ୍ତ କାର୍ଯ୍ୟାଳୟ ଠାରୁ ଶତାଧିକ ମହିଳା ପଦଯାତ୍ରାରେ ରାଉଣ୍ଡି ତିହିଡ଼ି ବଜାର ପରିକ୍ରମା କରିବା ପରେ ସ୍ଥାନୀୟ ଦୀନଦୟାଳ ଭବନ ନିକଟରେ ପହଂଚିଥିଲେ, ସରପଂଚ ଶ୍ରୁତି ନାରାୟଣ ସେଠୀ, ସଂଗଠନର ମାର୍ଗଦର୍ଶକ ବରିଷ୍ଠ ସାମାଜିକ କର୍ମୀ ନାରାୟଣ ଖୁଣ୍ଟାର, ଭାଜପା ମଣ୍ଡଳ ସଭାପତି ସରୋଜ କୁମାର ନାୟକ, କେଶବ ବେହେରା, ସାଲଶରଣ ବେହେରା, ବରିଷ୍ଠ ନେତା ସୁଜାତା ସେଠୀ, ଉତ୍ତର ସାହୁ, ରାଜକିଶୋର ନାୟକ, ରଘୁନାଥ

ସେଇଠୁ
ଆରମ୍ଭ
SEITHO ARAMBHA
ସୋମବାର, ୨୦ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ବଢ଼ିବ ଅଗରକରଙ୍କ କାର୍ଯ୍ୟକାଳ

ନୂଆଦିଲ୍ଲୀ, ୧୯/୪(ନ୍ୟୁ.ଏ): ୨୦୨୬ ଡିସେମ୍ବର ଦିନଠାରୁ ଆରମ୍ଭ ହେବାକୁଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ଚିନ୍ତା କରୁଛି । ଚଳିତ ବର୍ଷ ଜୁନ୍ ମାସରେ ଅଗରକରଙ୍କ କାର୍ଯ୍ୟକାଳ ଶେଷ ହେଉଛି । ହେଲେ ଏହାକୁ ଆଉ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ବଢ଼ାଇବାକୁ ବିସିସିଆଇ ଚିନ୍ତା କରୁଛି । ସଂପ୍ରତି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତ ୩ଟି ଆଇସିସି ଟ୍ରଫି ଜିତିଛି । ୨୦୨୪ ଓ ୨୦୨୬ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲଗାତାର ଜିତିବାର ଗୌରବ ପାଇବା ସହ ୨୦୨୫ ଚାମ୍ପିଅନ୍ସ ଟ୍ରଫି ମଧ୍ୟ ଭାରତେଇଥିଲା । ଏଥିସହ ଭାରତ ଘରୋଇ ପରିବେଶରେ ୨୦୨୩ ଡିସେମ୍ବର ବିଶ୍ୱକପ୍ ଫାଇନାଲ୍‌ରେ ପହଂଚିଥିଲା । 'ଅଗରକରଙ୍କ ସମୟରେ ଦଳରେ ଏକ ବଡ଼ ପରିବର୍ତ୍ତନ ହୋଇଛି । ସେ ନିର୍ଭୀକ ଭାବେ ସାହସିକ ନିଷ୍ପତ୍ତି ନେଇଛନ୍ତି । ତେଣୁ ବୋର୍ଡ ବାଛୁଛି ସେ ଦାୟିତ୍ୱ ଜାରି ରଖନ୍ତୁ । ଏହି ବିଷୟରେ ଚଳିତ ଆଇପିଏଲ୍ ଭିତରେ ବିସିସିଆଇ ଅଧିକାରୀମାନେ ତାଙ୍କ ସହ ଆଲୋଚନା କରିବେ'' ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳକୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା କରିଥିବେ ମଧ୍ୟ ତାଙ୍କ ଅସ୍ଥିର ଫର୍ମକୁ ନେଇ ଚୟନକର୍ତ୍ତା ଚିନ୍ତାରେ ଅଛନ୍ତି । ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକରେ ତାଙ୍କ ନେତୃତ୍ୱରେ ଭାରତ ଖେଳିବ ନା ନୂଆ ଅଧିନାୟକ ଏବେଠୁ ପ୍ରସ୍ତୁତ କରିବ ଅଗରକରଙ୍କ ଲାଗି ବଡ଼ ପ୍ରଶ୍ନ ହୋଇଛି । ଜୁନ୍-ଜୁଲାଇରେ ଭାରତର ଆୟର୍ଲାଣ୍ଡ ଗସ୍ତ ସୂର୍ଯ୍ୟକୁମାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ । ତାଙ୍କ ନେତୃତ୍ୱ ଅପେକ୍ଷା ଚୟନକର୍ତ୍ତା ତାଙ୍କ ବ୍ୟାଟିଂ ଉପରେ ନଜର ରଖିବେ । ଏହି ଗସ୍ତ ପରେ ତାଙ୍କୁ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଦଳର ଅଧିନାୟକ ରଖାଯିବ କି ନାହିଁ ତାହା ବିଚାର କରାଯିବ । ସେହେତୁ ଆଗାମୀ ସମୟ ଜଳିବ । "ସୂର୍ଯ୍ୟାଙ୍କ ନେତୃତ୍ୱରେ ଦଳ ଭଲ କରୁଛି । କିନ୍ତୁ ୟୁକେ ଗସ୍ତରେ ତାଙ୍କ ବ୍ୟାଟିଂ ଉପରେ ନଜର ରହିବ । ଏହା ପରେ ୨୦୨୮କୁ ନେଇ ଆଲୋଚନା ହେବ'' ବୋଲି ବିସିସିଆଇ ଅଧିକାରୀ କହିଛନ୍ତି । ୨୦୨୫ରେ ଭାରତର ଆୟର୍ଲାଣ୍ଡ ଗସ୍ତ ସୂର୍ଯ୍ୟକୁମାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ବେଳେ ଗୋଟିଏ ବି ଅର୍ଦ୍ଧଶତକ କରି ନଥିଲେ । ତେବେ ୨୦୨୬ରେ ତାଙ୍କ ଷ୍ଟାଇକ୍‌ରେଟ୍ ୧୬୦ରୁ ଅଧିକ ହେଲା ଏବଂ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସରିବା ମଧ୍ୟରେ ୪ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ହେଲେ ଆମେରିକା ବିପକ୍ଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଛଡ଼ା ଅନ୍ୟ ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ନଥିଲା । ବଡ଼ ଦଳ ବିପକ୍ଷରେ ସେ ଦକ୍ଷିଣ ଆଫ୍ରିକା ଓ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୮ ରନ୍ ଲେଖାଏଁ କରିଥିଲା ବେଳେ ସେମିଫାଇନାଲ୍ (ଇଂଲଣ୍ଡ)ରେ ୧୧ ରନ୍ ଏବଂ ଫାଇନାଲ୍ (ନ୍ୟୁଜିଲାଣ୍ଡ)ରେ ଖାତା ଖୋଲିପାରି ନଥିଲେ ।

ଗର୍ଜିଲା ରିଙ୍କୁଙ୍କ ବ୍ୟାଟ୍, ରାଜସ୍ଥାନକୁ ୪ ଓ୍ୱିକେଟରେ ହରାଇଲା କେକେଆର

ନୂଆଦିଲ୍ଲୀ, ୧୯/୪(ନ୍ୟୁ.ଏ): ଚଳିତ ଆଇପିଏଲରେ କୋଲକାତାର ପ୍ରଥମ ବିଜୟ । ରାଜସ୍ଥାନକୁ ୪ ଓ୍ୱିକେଟରେ ହରାଇଲା କୋଲକାତା । ୨ ବଲ ପୂର୍ବରୁ ୧୫୬ ରନର ବିଜୟ ଲକ୍ଷ୍ୟ ପୂରଣ କଲା କଳକତା । ଦଳର ଉପଅଧିନାୟକ ରିଙ୍କୁ ସିଂହଙ୍କ ଦମଦାର ଅର୍ଦ୍ଧଶତକ ଦଳକୁ ଦଳ ଜାଖଣ୍ଡି ଚଳିତବର୍ଷର ପ୍ରଥମ ବିଜୟ ସ୍ୱାଦ । ୩୪ ବଲରୁ ୫୩ ରନର ପାଳି ଖେଳିଛନ୍ତି ରିଙ୍କୁ । ତାଙ୍କ ସହ ଅନୁକୂଳ ରୟ ୧୬ ବଲରୁ ୩୯ ରନ କରି ଦଳର ବିଜୟ ପ୍ରମୁଖ ସାରଥୀ ପାଲଟିଛନ୍ତି । ୧୫୬ ରନକୁ ପିଛା କରୁଥିବାବେଳେ କୋଲକାତା ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରୁଥିଲା । ଦୁଇ ଓପନର ସେଫର୍ଟ ଏବଂ ରାହାଣେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ । ପରେ ରଘୁବଂଶୀ ଏବଂ ଗ୍ରୀନ କିଛି ସମୟ ଦଳର ଝୋର ଆଣିକୁ ବଢ଼ାଇଥିଲେ । ରଘୁବଂଶୀ ୧୯ ବଲରୁ ୧୦ ରନ୍ କରିଥିବାବେଳେ ଗ୍ରୀନ୍ ୧୩ ବଲରୁ ୨୭ ରନ କରିଥିଲେ । ରମଣଦୀପ ସିଂହ ୧୩ ବଲରୁ ୧୦ ରନ କରିଛନ୍ତି । ସେପରେ ଜାତେଦା ରାଜସ୍ଥାନ ପକ୍ଷରୁ ସର୍ବାଧିକ ୨ଟି ଓ୍ୱିକେଟ ନେଇଛନ୍ତି । ତସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ରାଜସ୍ଥାନ ରାଜସ୍ଥାନ । ଦଳ ୯ ଓ୍ୱିକେଟ ହରାଇ ୧୫୫ ରନ୍ କରିଥିଲା । ଦଳର ଦୁଇ ଓପନର ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଭଲ ଆରମ୍ଭ କରିଥିଲେ । ଜୟସ୍ୱାଲ ୩୯ ରନ କରିଥିବାବେଳେ ସୂର୍ଯ୍ୟବଂଶୀ ୪୬ ରନ କରିଛନ୍ତି । ଦଳର ବାକି ବ୍ୟାଟ୍‌ମ୍ୟାନଙ୍କ ମଧ୍ୟରେ ପରାଗ ୧୨ ଏବଂ ହେଟମାୟାର ୧୫ କରିଥିଲେ । ଆଜିର ମ୍ୟାଚରେ ପୁଣି ବ୍ୟାଟିଂରେ ଫ୍ଲପ ହୋଇଛନ୍ତି ରବିନ୍ଦ୍ର ଜାଡେଜା । ସେ ୭ ବଲରୁ ୯ ରନ କରିବାରେ ସକ୍ଷମ ହୋଇଛନ୍ତି । ଦଳର ବାକି ବ୍ୟାଟ୍‌ମ୍ୟାନ ଦୂର ଅଛ ଝୁଣ୍ଟି ପାରିନଥିଲେ । ଯଦିଓ ପ୍ରଥମରୁ କୋଲକାତା ଦୋଳରେ ଉପରେ ସୂର୍ଯ୍ୟବଂଶୀ ଏବଂ ଜୟସ୍ୱାଲ ମଜଭୁତ ପଡ଼ିଥିଲେ ତଥାପି ଶେଷ ସମୟରେ ଟ୍ରାକକୁ ଫେରିଥିଲେ । ଦୁଇ ଷ୍ଟିନର ବରୁଣ ଏବଂ ନାରାୟଣ ରାଜସ୍ଥାନ ବ୍ୟାଟିଂକୁ ଧ୍ୱସ୍ତ କରିଥିଲେ । ଅମ୍ପାୟର ନାରାୟଣ ୨, ବରୁଣ ଚକ୍ରବର୍ତ୍ତୀ ୩ ଏବଂ କାର୍ତ୍ତିକ ତ୍ୟାଗୀ ୩ଟି ଓ୍ୱିକେଟ୍ ନେବାରେ ସଫଳ ହୋଇଥିଲେ ।

ରୋବର୍ଟ ଭାଙ୍ଗିଲା ମାରାଥନ ରେକର୍ଡ, ମଣିଷଙ୍କ ଭଳି ଦୌଡ଼ିଲା ଯନ୍ତ୍ର

ବେଜିଂ, ୧୯/୪(ନ୍ୟୁ.ଏ): ଚୀନର ରାଜଧାନୀ ବେଜିଂରେ ଆୟୋଜିତ ଏକ ମାରାଥନରେ ମଣିଷଙ୍କ ସହ ରୋବର୍ଟ ଦୌଡ଼ିଥିଲେ । ନିଜ ଦୌଡ଼ିବା ଦକ୍ଷତା ତଥା ସ୍ୱୟଂଚାଳିତ ଦିଗ ନିର୍ଦ୍ଧାରଣ କୌଶଳରେ ଏହି ରୋବର୍ଟଗୁଡ଼ିକ ମାନବ ଧାବକମାନଙ୍କୁ ଅତି ସହଜରେ ପଛରେ ପକାଇ ଦେଇଥିଲେ । ଯାହା ଏହି ନିଆରା ମାରାଥନର ପ୍ରମୁଖ ଆକର୍ଷଣ ଥିଲା । ଗତବର୍ଷ ହିଁ ଏହି ନିଆରା ମାରାଥନ ପ୍ରଥମ ଥର ଲାଗି ଆୟୋଜିତ ହୋଇଥିଲା । ହେଲେ ଯାହାକି ଦୁଇ ପାଇଁ ଅଧିକାଂଶ ରୋବର୍ଟ ରେସ୍ ଶେଷ କରି ପାରି ନଥିଲେ । ସେମାନେ ମଧ୍ୟ ମଣିଷଙ୍କଠାରୁ ଦୁଇଗୁଣା ସମୟ ନେଇଥିଲେ । ଚଳିତବର୍ଷ କିନ୍ତୁ କିଛି ପରିସ୍ଥିତି ଦେଖିବାକୁ ମିଳିଥିଲା । ରୋବର୍ଟଗୁଡ଼ିକ ଅତି ସହଜରେ ଦୌଡ଼ାଦୌଡ଼ି କରିବା ସହ ସାଧାରଣ ମଣିଷ ଧାବକଙ୍କୁ ଅତି ସହଜର ପଛରେ ପକାଇ ଦେଇଥିଲେ । ରୋବର୍ଟ ବର୍ଗର ବିଜେତା ସାଧାରଣ ବର୍ଗର ବିଜେତାଙ୍କଠାରୁ ପାଖାପାଖି ୧୦ ମିନିଟ୍ କମ୍ ସମୟ ନେଇଥିଲେ । ସେହିଭଳି ଗତବର୍ଷ ମାତ୍ର ୨୦ଟି ରୋବର୍ଟ ଅଂଶଗ୍ରହଣ କରିଥିଲା ବେଳେ ଏଥର ଏହି ସଂଖ୍ୟା ୧୦୦କୁ ବଢ଼ିଥିଲା । ଏବର୍ଷର ରେସ୍ ମଧ୍ୟ ପୂରା ୨୧ କିଲୋମିଟର ଧରି ହୋଇଥିଲା । ସମସ୍ତଙ୍କାଳ ଟ୍ରାକ୍‌ରେ ୧୨,୦୦୦ ପୁରୁଷ ଓ ରୋବର୍ଟ ଏକାଠି ଦୌଡ଼ି ବିଶ୍ୱ ରେକର୍ଡ କରିଥିଲେ । ବିଜେତା ରୋବର୍ଟକୁ ଚୀନର ସ୍ମାର୍ଟଫୋନ୍ ବ୍ରାଣ୍ଡ ହନର ନିର୍ମାଣ କରିଥିବା ଜଣାପଡ଼ିଛି ।

ଇଡେନ୍‌ରେ ରିଙ୍ଗ୍ ବଜାଇଲେ ବର୍ଡର

କୋଲକାତା, ୧୯/୪(ନ୍ୟୁ.ଏ): ଯେଉଁ ଐତିହାସିକ ପଡ଼ିଆରେ ଦିନେ ଅଷ୍ଟ୍ରେଲିଆକୁ ପ୍ରଥମ ଡିସିଜିଆ ବିଶ୍ୱକପ୍ ବିଜୟ ରେଟି ଦେଇଥିଲେ ସେଠାରେ ଏହାର ଅଧିନାୟକ ଆଲାନ୍ ବର୍ଡର ଉଚିତାର ନିଆରା ସୃଷ୍ଟି ଛାଡ଼ିଛନ୍ତି । ରବିବାର ଅପରାହ୍ନରେ ଏଠାରେ ଚଳିତ ଆଇପିଏଲ୍‌ର କୋଲକାତା ନାଇଟ୍ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ପୂର୍ବରୁ ଘଂଟି ବଜାଇ ଏହାର ଶୁଭାରମ୍ଭ କରିଛନ୍ତି । ବର୍ଡରଙ୍କ ସହ ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ୍ (ସିଏବି)ର ସଭାପତି ସୌରଭ ଗାଙ୍ଗୁଲି ଉପସ୍ଥିତ ଥିଲେ । ମୂଳନାୟେଯ, ଐତିହାସିକ ଇଡେନ୍ ଗାର୍ଡେନ୍‌ରେ ୨୦୧୬ ମଇଠାରୁ ଘଂଟି ବଜାଇ ମ୍ୟାଚ୍ ଶୁଭାରମ୍ଭର ପରମ୍ପରା ଚାଲିଆସୁଛି । ପ୍ରଥମ ମ୍ୟାଚ୍‌ରେ ବିଶ୍ୱକପ୍ ବିଜୟୀ ଭାରତୀୟ ଅଧିନାୟକ କପିଳ ଦେବ ଏହା କରିଥିଲେ । ରବିବାର ଘଂଟି ବଜାଇ ଲେଜେଣ୍ଡାରି-ଆଇଆର ମ୍ୟାଚ୍ ଶୁଭାରମ୍ଭ ପୂର୍ବରୁ କ୍ରିକେଟ୍ ପ୍ରତି ଉଲ୍ଲେଖନୀୟ ଅବଦାନ ତଥା ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇଥିବାରୁ ବର୍ଡରଙ୍କୁ ମଧ୍ୟ ସିଏବି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଐତିହାସିକ ଇଡେନ୍ ଗାର୍ଡେନ୍‌ସରେ ରବିବାର ଦିନ କୋଲକାତା ନାଇଟ୍ ରାଇଡର୍ସ ଲଖିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ୨୮ତମ ମ୍ୟାଚ୍‌ରେ ବିଜୟ ହାସଲ କରିଛି । ୧୫୬ ରନ୍‌ର ଲକ୍ଷ୍ୟ ନେଇ କୋଲକାତା ବ୍ୟାଟିଂ କରିଥିଲା । କିନ୍ତୁ ଦଳ ୧୯.୪ ଓଭରରେ ୬ଟି ଓ୍ୱିକେଟ୍ ହରାଇ ୧୬୧ ରନ୍ କରିଛି । ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । କୋଲକାତାର ବିଜୟର ସହିତ କୋଲକାତାର ପରାଜୟ ଧାରାରେ ବ୍ରେକ୍ ଲାଗିଛି । ଆଇପିଏଲ୍‌ର ଚଳିତ ସଂସ୍କରଣରେ କୋଲକାତା ପ୍ରଥମ ଥର ମ୍ୟାଚ୍ ଜିତିଛି । ଏବଂ ସଂଘର ଟେବୁଲରେ ଗୋଟିଏ ପାଦ ଉପରକୁ ଉଠିଛି । ସଂଘର ଟେବୁଲରେ ମୁମ୍ବାଇ ଇଣ୍ଡିଆନ୍ସ ତଳପାହୁଡ଼ି ପ୍ରଥମ ଅଛି । କୋଲକାତାର ବିପର୍ଯ୍ୟୟ ସମୟରେ ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ଦେଖିଆ ଧରି ବ୍ୟାଟିଂ କରିଥିଲେ । ରାଜସ୍ଥାନର ଖେଳାଳିମାନେ ଭଲୟ ବ୍ୟାଟରଙ୍କୁ ଆଉଟ୍ କରିବାକୁ ସୁଯୋଗ ଖୋଜୁଥିଲେ ମଧ୍ୟ ବିଫଳ ହୋଇଥିଲେ । ରିଙ୍କୁ ସିଂହ ଅପରାଜିତ ୫୩ ରନ୍ କରିଥିଲେ । ସେ ୩୪ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ମାରିଥିଲା ବେଳେ ଅନୁକୂଳ ୧୬ଟି ବଲର ସାମ୍ନା କରି ୨ ରନ୍ କରିଛନ୍ତି, ଯେଉଁଥିରେ ସେ ଗୋଟିଏ ଚୌକା ଏବଂ ୨ଟି ଛକା ଯୋଡ଼ିଥିଲେ । ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା । ଟିମ୍ ସିଫର୍ଟ ଖାତା ନଖୋଲି ଆଉଟ୍ ହୋଇଥିଲେ । ଆଜିକ ରାହାଣେଙ୍କ ଅବସ୍ଥା ମଧ୍ୟ ସିଫର୍ଟଙ୍କ ଭଳି ହୋଇଥିଲା । କୋମଳ ଗ୍ରିନ୍ ୨୭ ରନ୍ କରିଥିଲା ବେଳେ ଅଙ୍କିତ୍ସ ରଘୁବଂଶୀ ୧୦ ରନ୍‌ରେ ଆଉଟ୍ ହୋଇଥିଲେ ।

ଇରାନକୁ ଟ୍ରମ୍ପଙ୍କ ଅନ୍ତିମ ଚେତାବନୀ: ସର୍ତ ମାନିବା ପାଇଁ ଶେଷ ସୁଯୋଗ

ୱାଶିଂଟନ, ୧୯/୪(ନ୍ୟୁ.ଏ): ଯଦି ଇରାନ ୟୁରାନିୟମ ସମୃଦ୍ଧୀକରଣ ଏବଂ ସାମୁଦ୍ରିକ ନିୟନ୍ତ୍ରଣ ଉପରେ ଆମେରିକାର ସର୍ତ ମାନିବାକୁ ମନା କରେ, ତେବେ ଆମେରିକା ଆଲୋଚନାରୁ ଅକ୍ରମଣକୁ ଉତ୍ସାହିତ ଏବଂ ଇରାନ ଏହାର ରୟାଲର ପରିଣତି ଭୋଗିବାକୁ ବାଧ୍ୟ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ସର୍ତମାନିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହିଁ ଇରାନ ପାଇଁ ଶେଷ ସୁଯୋଗ । ଇସଲାମାବାଦରେ ଚାଲିଥିବା ବର୍ତମାନର କୂଟନୈତିକ ପ୍ରୟାସ ଉପରେ ସମଗ୍ର ବିଶ୍ୱର ନଜର ରହିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଆଗିମୁଖ୍ୟ ଏହି ପ୍ରକ୍ରିୟାକୁ ଅଧିକ ଜଟିଳ କରିଦେଇଛି । ହ୍ୱାଇଟ୍ ହାଉସ୍ ପାରସ୍ପରିକ କୂଟନୈତିକ ସୀମା ପାର କରିସାରିଛି ବୋଲି ଆଜି ଇରାନକୁ ସଙ୍କେତ ଦେଇଛି ଏବଂ କୁଦାରତ ସୁଦ୍ଧା ବୁଝିରେ ପହଂଚିବାକୁ ଇରାନ ବାଧ୍ୟ ବୋଲି ଟ୍ରମ୍ପଙ୍କ ରୟାଲର ପୁଣି ଉତ୍ତେଜନା ବଢ଼ାଇ ଦେଇଛି । ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ଡ୍ୱିଟକୋଫ୍ ଏବଂ ଜାରେଡ୍ କୁଶନରଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧି ଦଳ ଆସନ୍ତାକାଲି ଇସଲାମାବାଦ ପହଂଚିବେ । ସେଠାରେ ହୋଟେଲ ଏବଂ 'ରେଡ୍ ଜୋନ୍' ବହୁପକ୍ଷୀୟ ସୁରକ୍ଷା ବ୍ୟାବସ୍ଥା କଡ଼ାକଡ଼ି କରାଯାଇଛି । ଉକ୍ତ ଅଂଚଳରେ ମୋବାଇଲ୍ ସିଗ୍ନାଲ ଜାମ୍ କରାଯାଇଛି ଏବଂ ଯାନ ଚଳାଚଳ ଉପରେ ମଧ୍ୟ କଟକଣା ଲଗାଯାଇଛି । ଇରାନକୁ ତାର ସମସ୍ତ ସମୃଦ୍ଧ ୟୁରାନିୟମ ଗଚ୍ଛିତ ଭଣ୍ଡାର ହସ୍ତାନ୍ତର କରିବାକୁ ଆମେରିକା ସର୍ତ ରଖିଛି ଏବଂ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏହାକୁ ଅସମ୍ଭବ ବୋଲି ଦର୍ଶାଇ ପ୍ରତ୍ୟାଖ୍ୟାନ କରିଛନ୍ତି । ଅନ୍ୟପକ୍ଷରେ ତେହେରାନ ଆମେରିକାର ସାମୁଦ୍ରିକ ଅବରୋଧର ତୁରନ୍ତ ଅନ୍ତ ଦାବି କରିଛି, । ଭଲୁଂଟାନ ଏବଂ ଅସ୍ଥିରତା ନିର୍ମୂଳ ପ୍ରଣାଳୀରେ ଗୁଡ଼ି ବିନିମୟ ଏବଂ ଜାହାଜଗୁଡ଼ିକ ଉପରେ ଆକ୍ରମଣ ପରେ ପରିବେଶ ଆହୁରି ତିକ୍ତ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଇରାନ ସେନା ଶନିବାର ଦିନ ବିନିନ୍ ଜାହାଜ ଉପରେ ଗୁଳି ଚଳାଇ ଦୁଇ ସମ୍ପାଦନ ଅଷ୍ଟବିରତିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛି । ତେହେରାନ ଯଦିବି ଦାବି କରୁଛି ଯେ ଏହା କେବଳ ଅନଧିକୃତ ପ୍ରବେଶ ବିରୁଦ୍ଧରେ ନିଜର ସାମୁଦ୍ରିକ ସାର୍ବଭୌମତ୍ୱକୁ ରକ୍ଷା କରୁଥିଲା, କିନ୍ତୁ ଏହି ଘଟଣା ଓ୍ୱାଶିଂଟନକୁ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସୁଯୋଗ ଦେଇଛି । ଏହି ସଙ୍କଟ ସମୟରେ ପାକିସ୍ତାନ ଫିଲ୍ଡ ମାର୍ଶଲ ଅସୀମ ମୁନୀରଙ୍କ ଭୂମିକା ଏବେ ଚର୍ଚ୍ଚାରେ ରହିଛି । ପାକିସ୍ତାନର ଶାସକ ନେତାଙ୍କୁ ପଛରେ ପକାଇ ସେ କୂଟନୀତିରେ ଶ୍ରେୟ ନେବାକୁ ଜୋରଦାର ପ୍ରୟାସ ଚଳାଇଛନ୍ତି ।

ବାଣ କାରଖାନାରେ ବିସ୍ଫୋରଣ: ୨୦ ମୃତ

ତାମିଲନାଡୁର ବିରୁଧନଗର ଜିଲ୍ଲାର କଟ୍ଟାନାରପଟ୍ଟା ଗାଁରେ ରବିବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ନିଜସ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅପରାହ୍ନରେ ଏହି ଘଟଣା ଘଟିଥିବା ବେଳେ ଖରାର ଅସ୍ଥିର ବାହିନୀ ଘଟଣାସ୍ଥଳରେ ପହଂଚିଥିଲା । କାରଖାନାରେ ଲାଗିଥିବା ନିଆଁକୁ ସେମାନେ ଏକ ଘଂଟାର ପରିଶ୍ରମ ପରେ ନିୟାଇଥିଲେ । ତା'ସହିତ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ଘଟଣା ଘଟିବା ବେଳେ କାରଖାନାରେ ପ୍ରାୟ ୩୦ ଜଣ କର୍ମଚାରୀ କାମ କରୁଥିଲେ ବୋଲି ସ୍ଥାନୀୟ ପୁଲିସ କହିଛି । ଏହି ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ କାରଖାନାର କୋଠା କିଛି ଅଂଶ ଭୂଇଁରେ ପଡ଼ିଛି । ପ୍ରାୟ ୪ଟି କୋଠାରୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ବିସ୍ଫୋରଣର ଶବ୍ଦ ପ୍ରାୟ ୧୦ କିମି ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା । କାହିଁକି ବିସ୍ଫୋରଣ ଘଟିଲା, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସେ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ମାମଲା ଗୁରୁ କରି ଘଟଣାର ତଦନ୍ତ ଆରମ୍ଭ କରି ସାରିଛି । କାହିଁକି ଏହି ବିସ୍ଫୋରଣ ହେଲା ଓ ବାଣ ପ୍ରସ୍ତୁତି ବେଳେ ସମସ୍ତ ପ୍ରକାର ଏସ୍ଓପିକୁ ପାଳନ କରାଯାଇଥିଲା ନା ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି । ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ତାମିଲନାଡୁର ବିରୁଧନଗର ହେଉଛି ବାଣ କାରଖାନାର ଜିଲ୍ଲା । ଏଠାରେ ବହୁ ବାଣ କାରଖାନା ରହିଛି । ଆଉ ଗତ କିଛି ବର୍ଷରେ ଏଠାରେ ଅନେକ କାରଖାନାରେ ଅସୁବିଧା ଘଟିଛି । ଏପ୍ରିଲ ୧୩ ତାରିଖରେ ବିରୁଧନଗର ଜିଲ୍ଲାର ମଦାଥୁପଟ୍ଟୀରେ ଏକ ବାଣ କାରଖାନାରେ ବଡ଼ ବିସ୍ଫୋରଣ ହୋଇଥିଲା । ୨୦୨୪ ଫେବୁଆରୀ ୧୭ ତାରିଖରେ ଏହି ଜିଲ୍ଲାର ଆଉ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା ଓ ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଥିଲେ । ୨୦୨୪ ଜୁନ୍ ୨୯ ତାରିଖରେ [illegible] ବିସ୍ଫୋରଣ

କୋଲକାତା ପୁଲିସ ଡେପୁଟି କମିସନରଙ୍କ ଘରେ ଚଢ଼ଉ କଲା ଇଡି

କୋଲକାତା, ୧୯/୪(ନ୍ୟୁ.ଏ): ପଶ୍ଚିମବଙ୍ଗରେ ଜଣେ ଅଭିଯୁକ୍ତ ଅପରାଧୀ ଓ ତାଙ୍କ ସିଣ୍ଡିକେଟ୍ ବିରୋଧରେ ମନିଲଣ୍ଡରିଂ ତଦନ୍ତର ଏକ ଅଂଶ ଭାବରେ ପ୍ରବର୍ତ୍ତନ